12/08/24

Principal
Govt. (Auto) College
Rourkela

## ରାଉରକେଲାରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

# ଏଚଆଇଭି ଓ ଯୌନ ସଂକ୍ରମିତ ରୋଗ ସଚେତନତା ଅଭିଯାନ




ରାଉରକେଲା, ୧୨।୮ (ସମିସ)

ଏଚଆଇଭି/ ଏଡ୍ସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ପାଇଁ ସୋମବାରଠାରୁ ଦେଶବ୍ୟାପୀ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଛି। ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ ଅଡିଟୋରିୟମରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଅଭିଯାନକୁ ଓଡ଼ିଶାରେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡ. ମହାଲିଙ୍ଗ କହିଲେ ଯେ ଯୁବବର୍ଗଙ୍କ ଦ୍ୱାରା ଏଚଆଇଭି/ ଏଡ୍ସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ସମ୍ଭବ ହୋଇପାରିବ। ଏହାର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସଚେତନତା ଶିବିର ଏବଂ ଲୋକନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯାଉଛି। ଦେଶର ୬୯ ହଜାର ଗ୍ରାମ ଏବଂ ଓଡ଼ିଶାର ୧୨୦୦ ଗ୍ରାମରେ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ମୋଟ ୬୧ ହଜାର ଏଡ୍ସ ରୋଗୀ ଚିହ୍ନଟ ହେବା ଅତ୍ୟନ୍ତ ଉଦବେଗଜନକ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଏଡ୍ସ ରୋଗୀ ଚିହ୍ନଟ ହୋଇଥିବାରୁ ଜିଲ୍ଲାର ଭଲିକୋଟ ପଞ୍ଚାୟତ ବଡପଲ୍ଲୀ ଗ୍ରାମରେ ଘରକୁ ଘର ଏହି ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ କ୍ଷେତ୍ରରେ ସର୍ବାଧିକ ପ୍ରବଣ ଭାବେ ପରିଗଣିତ ହେଉଥିବା ଯୁବବର୍ଗଙ୍କୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ନେଇ ନାଟକ, ନୃତ୍ୟ, କୁଇଜ୍, କ୍ରିକେଟ୍ ଆଦି ମାଧ୍ୟମରେ ସଚେତନ କରାଯାଉଛି। ବିଶେଷ କରି ଏବେ ମୋବାଇଲ୍ ଫୋନରେ ରିଲ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଯୁବବର୍ଗ ପସନ୍ଦ କରୁଥିବାରୁ ଏଡ୍ସ ନିୟନ୍ତ୍ରଣ ବିଷୟରେ ରିଲ୍ସ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଭାଇରାଲ କରିବା ପାଇଁ ମନ୍ତ୍ରୀ ଡ. ମହାଲିଙ୍ଗ ଉପସ୍ଥିତ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ) ମାଧ୍ୟମରେ

### ରିଲ୍ସ ମାଧ୍ୟମରେ ସଚେତନତା ପାଇଁ ଯୁବବର୍ଗଙ୍କୁ ପରାମର୍ଶ

କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୧ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୨୫୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ରହିଛି। ଏବେ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣାଧୀନ ରହିଛି। ମହାବିଦ୍ୟାଳୟରେ ଏକ ଅଡିଟୋରିୟମର ଆବଶ୍ୟକତା ରହିଛି। ୪୦ କୋଟି ଟଙ୍କା ବ୍ୟୟରେ ଏକ ଅଡିଟୋରିୟମ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ଯାଇଛି। ତାକୁ କାର୍ଯ୍ୟକାରୀ କରିବା ପାଇଁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ ଏଡ୍ସ ପରି ଭୟଙ୍କର ରୋଗରୁ ରକ୍ଷା ପାଇବା କ୍ଷେତ୍ରରେ ଅଧିକରୁ ଅଧିକ ସଚେତନତା ଆବଶ୍ୟକ। ଏ କ୍ଷେତ୍ରରେ ଯୁବ ଗୋଷ୍ଠୀଙ୍କ ଗୁରୁଦାୟିତ୍ୱ ରହିଛି। ଏକ ସୁସ୍ଥ ସମାଜ ଗଠନ ସହ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ କ୍ଷେତ୍ରରେ ଯୁବଗୋଷ୍ଠୀ ଦୃଢ଼ୀ ହେବାକୁ ସେ ପରାମର୍ଶ ଦେଇଥିଲେ।



ପ୍ରାରମ୍ଭରେ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ଅଧ୍ୟକ୍ଷତା କରିଥିଲେ। ଯୁବବର୍ଗ ସଚେତନ ହେଲେ ଏହି ରୋଗ ନିରାକରଣ ହୋଇପାରିବ। ଓଡ଼ିଶାକୁ ଏଡ୍ସମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବାରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରଏମସି କମିଶନର ତଥା ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ପାନପୋଷ ସରକାରୀ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରା ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନିଲ କୁମାର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସାକ୍ସର ସହକାରୀ ନିର୍ଦ୍ଦେଶକ ଡ. ସ୍ମୃତି ସହରିଆ କାନୁନଗୋ, ପାନପୋଷ ଏସଡିଏମଓ ଡ. ଜ୍ୟୋତି ପ୍ରକାଶ ପାଣ୍ଡା, ବିଜେପି ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧରେନ ସେନାପତି, ଜୁନୁ ପଟ୍ଟନାୟକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡା. ଜି ଏସ୍ ଅନ୍ନାଦିବ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁନ୍ଦରଗଡ଼ ସିଡିଏମଓ ଡ. ପ୍ରଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ସକାଳେ ଏହି ଜାଗରୁକତା କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ରାଉରକେଲା ସରକାରୀ ଡାକ୍ତରଖାନା ନିକଟରୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଏଡ୍ସ ନିୟନ୍ତ୍ରଣ ଓ ନିରାକରଣ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଶୁଭାରମ୍ଭ କରିଥିଲେ।

12/08/24

# ୬୨ ହଜାର ଏଚ୍‌ଆଇଭି/ଏଡ୍‌ସ ସଂକ୍ରମିତ, ଗଞ୍ଜାମରେ ସର୍ବାଧିକ

## ସଂଖ୍ୟା ନ ବଢ଼ିବା ପାଇଁ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ: ସ୍ୱାସ୍ଥ୍ୟମନ୍ତ୍ରୀ

ରାଉରକେଲା,୨୮(ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ଏଚ୍‌ଆଇଭି/ଏଡ୍‌ସ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ସରକାରୀ ଭାବେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୨,୨୧୪ ଜଣ ସଂକ୍ରମିତ ରହିଛନ୍ତି। ଗଞ୍ଜାମ ଜିଲ୍ଲାରେ ଏହି ସଂଖ୍ୟା ସର୍ବାଧିକ ରହିଛି। ଏହି ସଂଖ୍ୟା ଯେପରି ଆଗାମୀ ଦିନରେ ବୃଦ୍ଧି ନ ହେବ ସେନେଇ ସରକାରଙ୍କ [illegible]




[illegible]


Principal
Govt. (Auto) College
Rourkela

12/08/24

# एचआईवी-एड्स एवं यौन संक्रमण रोग के निराकरण हेतु शुरू हुआ विशेष जागरूकता अभियान

राउरकेला : केन्द्र सरकार द्वारा प्रायोजित एचआईवी-एड्स एवं संक्रमित रोग के निराकरण के लिए आज से पूरे देश में जागरूकता अभियान का शुभारंभ किया गया है. यह अभियान देश के ६१ हजार गांवों मे शुरू किया गया है. इसी क्रम में अंतरराष्ट्रीय युवा दिवस के अवसर पर स्वास्थ्य एवं परिवार कल्याण मंत्री डाक्टर मुकेश महालिंग द्वारा यह अभियान आज ओड़िशा में शुरू हुआ. राज्य के १६ सौ गांवों में यह अभियान शुरू किया गया है.





स्थानीय स्वयंशासित कालेज पानपोस में राज्य स्तरीय कार्यक्रम में इस अभियान का शुभारंभ मंत्री डाक्टर महालिंग ने किया और कहा कि राज्य में अब ६० हजार से अधिक एचआईवी संक्रमितों की पहचान हुई है. परिसंख्यान के अनुसार गंजाम जिले में सर्वाधिक एचआईवी संक्रमित पाये गये हैं. इसे ध्यान में रखकर खल्लिकोट ब्लाक के बड़पाली ग्राम पंचायत में व्यापक जागरूकता एवं एचआईवी मुक्त घोषणा करने हेतु विशेष कार्यक्रम हाथ में लिया गया है. उन्होंने कहा कि एचआईवी संक्रमण युवा वर्ग को अपनी चपेट में लेना शुरू कर दिया है. इस लिए युवा जागरूक होते हैं तो इसका निराकरण संभव है. सोशल मीडिया के जरिये एचआईवी संबंधी जागरूकता के छोटे छोटे वीडियो पोस्ट कर जागरूकता को और व्यापक करने के लिए उन्होंने छात्र छात्राओं से आह्वान किया. आज इस विशेष अभियान का शुभारंभ करते हुए उन्होंने कहा कि इसके प्रसार व प्रचार के लिए जिला स्तर से राज्य स्तर तक ग्रामीण से शहरांचल तक जागरूकता शिविर और लोक नृत्य कार्यक्रम का आयोजन किया जा रहा है. इसके साथ इस अभियान के तहत विभिन्न जागरूकता कार्यक्रम स्वास्थ्य और परिवार कल्याण विभाग के अंतर्गत ओड़िसा राज्य एड्स नियंत्रण समिति-ओसाक्स के जरिये कार्यान्वित हो रही है. सम्मानित अतिथि के रूप में राउरकेला विधायक शारदा प्रसाद नायक, रघुनाथपाली विधायक दुर्गाचरण तंती, जिलापाल मनोज सत्यवान महाजन, आरएमसी कमिश्नर आशुतोष कुलकर्णी, पानपोस सरकारी कालेज के अध्यक्ष एवं अन्य गणमान्य व्यक्ति उपस्थित थे. इसमें परियोजना निदेशक डाक्टर संतोष कुमार स्वांई ने अध्यक्षता करते हुए इस कार्यक्रम के उद्देश्यों पर प्रकाश डाला.इस राज्य स्तरीय कार्यक्रम से पहले स्थानीय आरजीएच से रेड रिबन क्लब के छात्र छात्राओं द्वारा एक जागरूकता शोभायात्रा निकाली गयी जो सरकारी कालेज तक पहुंची. अंत में सीडीएम एवं पीएचओ डाक्टर प्रशांत पात्र ने धन्यवाद दिया.

Govt. (Auto) College, Panposh, Rourkela



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି ।

# ଜଗନ୍ନାଥ ପରମ୍ପରା, ସଂସ୍କୃତି ବିଶ୍ୱରେ ଅନନ୍ୟ

**ରାଉରକେଲା, ୨୪।୧(ଦିନେଶ ମିଶ୍ର)**

ପାନପୋଷସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉପଲକ୍ଷେ ଆୟୋଜିତ ହୋଇଥିବା କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ 'ଜଗନ୍ନାଥ ସଂସ୍କୃତିର ସ୍ଥିତି ଓ ଗତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ପ୍ରାଧ୍ୟାପକ ଡକ୍ଟର ରୁଦ୍ରାଣୀ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଡକ୍ଟର ପ୍ରଦୀପ ଆଚାର୍ଯ୍ୟ ଓ ଶିକ୍ଷାବିତ୍ ଡକ୍ଟର ସମର ମୁଦାଲି ଉପସ୍ଥିତ ଥିଲେ। ସମଗ୍ର ବିଶ୍ୱର ଜଗନ୍ନାଥ ପରମ୍ପରା ଓ ସଂସ୍କୃତି ଅନନ୍ୟ ଓ ଅତୁଳନୀୟ। ତେଣୁ ଆମେ ସମସ୍ତେ ଏହି ସଂସ୍କୃତିର ଦାୟାଦ ଭାବେ ଗର୍ବିତ ହେବା ସହ ଏହାର ପ୍ରଚାର ପ୍ରସାର ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୁଷମା ମୋଦି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଧିକାରୀ ଅଧ୍ୟାପକ ମାୟାଧର ବାରିକ ପ୍ରତିଯୋଗିତା ସମ୍ପର୍କରେ ଅବଗତ କରିଥିଲେ। ନୋଡାଲ ଅଧିକାରୀ ଅଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ବିଶ୍ୱରଞ୍ଜନ ଦାସ ସଭା ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବର୍ଗରେ ପ୍ରାୟ ୧୬୨ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର କର୍ମକର୍ତ୍ତା ସହଯୋଗ କରିଥିଲେ।

Principal
Govt. (Auto) College
Rourkela

ପ୍ରମେୟ
THE PRAMEYA

ROURKELA 17 Jan, 2024

# 'ଓଡ଼ିଆ ଭାଷାର ପ୍ରଚାର ପାଇଁ ଛାତ୍ରଛାତ୍ରୀଙ୍କ ଗୁରୁଦାୟିତ୍ୱ ରହିଛି'

ରାଉରକେଲା,୧୬।୧(ବ୍ୟୁରୋ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ତୃତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଓଡ଼ିଆ ସାହିତ୍ୟ ପଠନ କ୍ଲବ ପକ୍ଷରୁ ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥିଭାବେ ଏସ୍‌ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ତଥା ଲେଖିକା ଡ. ମହାଶ୍ୱେତା ସାହୁ ଯୋଗଦେଇଥିଲେ। ମାନବିକତା ଅନୁଭବ ଚିରକାଳ ସତ୍ୟ ଏବଂ ସାହିତ୍ୟର ମୃତ୍ୟୁ ନାହିଁ? ଓଡ଼ିଆ ଭାଷା ଅନେକ ବର୍ଷ ଧରି ରହିଛି ଓ ରହିବ ମଧ୍ୟ, ଏହାର ପ୍ରଚାର ପ୍ରସାର ପାଇଁ ଛାତ୍ରଛାତ୍ରୀଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଡ. ସାହୁ କହିଥିଲେ। ଏହାସହିତ ସେ ନିଜର ଲେଖକୀୟ ଅନୁଭୂତି ଓ ଲେଖିବାର ଅନୁଭବ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।



ଅଧ୍ୟକ୍ଷ ପ୍ରଫେସର ଡ. ବେହେରା ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ବିଭାଗୀୟ ଅଧ୍ୟାପିକା ରଜନୀ କିସାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ବରିଷ୍ଠ ବିଭାଗର ସଂଯୋଜକ ମାୟାଧର ବାରିକଙ୍କ ସମେତ ଅନ୍ୟତମ ସଂଯୋଜକ ସୁରତ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧ୍ୟାପକ ସୁବନାଥ ସା, ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ଦୀପ୍ତିମୟୀ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ। ଏହାସହିତ ଏହି ଅବସରରେ କବିତା ପାଠ, ସ୍ଲୋଗାନ ଲିଖନ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଫଟୋ ଚିତ୍ର ପ୍ରଦର୍ଶନୀ ଏବଂ ଦଳଗତ ଆଲୋଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 19 Jan 2024 - Page 4

# ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ରାଉରକେଲା,୧୮।୧(ସମିସ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ସହିତ ଓଡ଼ିଆ ସାହିତ୍ୟ ପଠନ କ୍ଲବ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଏସ୍‌ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ତଥା ଲେଖିକା ଡ. ମହାଶ୍ୱେତା ସାହୁ ଯୋଗଦେଇ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଡ. ବେହେରା ଏହିଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ବିଭାଗୀୟ ଅଧ୍ୟାପିକା ରଜନୀ କିସାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ବରିଷ୍ଠ ବିଭାଗର ସଂଯୋଜକ ମାୟାଧର ବାରିକଙ୍କ ସମେତ ଅନ୍ୟତମ ସଂଯୋଜକ ସୁରତ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧ୍ୟାପକ ସୁବନାଥ ସା, ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ଦିପ୍ତିମୟୀ ପ୍ରଧାନ ସହଯୋଗ କରିଥିଲେ।

Principal
Govt. (Auto) College
Rourkela

25/01/2024

# ଜାତୀୟ ମତଦାତା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ।

ରାଉରକେଲା,୨୮।୧ (ବିଲେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମହେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାର ଗଠନରେ ମତଦାନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡକ୍ଟର ବେହେରା ଏହି ଦିବସ ପାଳନ ସମ୍ପର୍କରେ ସୂଚନା ଦେବା ସହ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ପ୍ରଥମେ ୨୦୧୧ ମସିହାରେ ଜାତୀୟ ଭୋଟର ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶକୁ ବିକାଶ ଓ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଭୋଟର ମୂଲ୍ୟ ରହିଛି। ତେଣୁ ଉଚିତ ବର୍ଷ ଭୋଟଦେବାକୁ ଥିବା ପ୍ରତ୍ୟେକ ନାଗରିକ ନିଜ ଭୋଟକୁ ଦେବା ପାଇଁ ଅଧ୍ୟକ୍ଷ ଡକ୍ଟର ବେହେରା ଆହ୍ୱାନ ଦେଇଥିଲେ। ରାଜନୀତି ବିଭାଗର ମୁଖ୍ୟ ଚୌଧୁରୀ ପ୍ରଦୋଷ ରଞ୍ଜନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଭୁବନେଶ୍ୱରୀ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ସମୀର ରଞ୍ଜନ ପୃଷ୍ଟି ଭାରତର ନିର୍ବାଚନ ଆୟୋଗଙ୍କ ପ୍ରଦତ୍ତ ପ୍ରତିଜ୍ଞା ପତ୍ରର ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଏଲିଜା ରାଉତ, ଭୋଳାନାଥ ମଲ୍ଲିକ ଓ ସୁଦର୍ଶନ ରାଉତ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଶ୍ମିତା ଜଗତଭଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

Principal
Govt. (Auto) College
Rourkela

25/01/2024

# ଜାତୀୟ ମତଦାତା ଦିବସ

ରାଉରକେଲା,୨୪।୧(ବ୍ୟୁରୋ): ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ପାଳିତ ହେଉଥିବା ଜାତୀୟ ମତଦାତା ଦିବସ ଉପଲକ୍ଷେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏହି ଅବସରରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପିକା ମହେଶ୍ୱରୀ ମହାପାତ୍ର ଯୋଗ ଦେଇଥିଲେ। ସରକାର ଗଠନରେ ମତଦାନର ଗୁରୁତ୍ୱ ଏବଂ ଏହି ମତଦାନ ପ୍ରକ୍ରିୟାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱ ଭୂମିକା ରହିଛି ବୋଲି ଶ୍ରୀମତୀ ମହାପାତ୍ର କହିଥିଲେ। ଅଧ୍ୟକ୍ଷ ଡ. ବେହେରା ତାଙ୍କ ବକ୍ତବ୍ୟରେ ଏହି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ପ୍ରଥମେ ୨୦୧୧ ମସିହାରେ ଜାତୀୟ ଭୋଟର ଦିବସ ପାଳନ କରିବାକୁ ଘୋଷଣା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଜନୀତି ବିଭାଗର ମୁଖ୍ୟ ଚୌଧୁରୀ ପ୍ରଦୋଷ ରଞ୍ଜନ ଅତିଥି ପରିଚୟ ପ୍ରଦାନ ସହ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏକ ଶକ୍ତିଶାଳୀ ଗଣତନ୍ତ୍ରର ମୂଳଦୁଆରେ ମତଦାତାମାନଙ୍କର ବଡ଼ ଭୂମିକା ରହିଛି। ତେଣୁ ଗଣତନ୍ତ୍ରର ମହାନ ପର୍ବରେ ଯେପରି ପ୍ରତିଟି ନାଗରିକ ସାମିଲ ହେବେ ଏବଂ ନିଜ ପସନ୍ଦର ନେତା ବାଛିବେ, ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜାତୀୟ ମତଦାତା ଦିବସ ପାଳନ କରାଯିବା ସମ୍ପର୍କରେ ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା। ବିଭାଗୀୟ ଅଧ୍ୟାପିକା ରାମେଶ୍ୱରୀ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏଥିରେ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ସମୀର ଚୌଧୁରୀ ପୁଣି ଭାରତର ନିର୍ବାଚନ ଆୟୋଗଙ୍କ ପ୍ରଦତ୍ତ ପ୍ରତିଜ୍ଞା ପତ୍ରର ଶପଥ ପାଠ କରାଇଥିଲେ। ବିଭାଗୀୟ ଅଧ୍ୟାପିକା ରଞ୍ଜିତା ବଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 11 Jan 2024 - Page 4

JMC

● ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳାର ଷଷ୍ଠ ଅର୍ଘ୍ୟ



ରାଉରକେଲା, ୧୦।୧(ସମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳାର ଷଷ୍ଠ ଅର୍ଘ୍ୟ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା'। ଏହି ବିଷୟ ସମ୍ପର୍କରେ ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ଗଣଯୋଗାଯୋଗ ବ୍ୟକ୍ତିତ୍ୱ ତଥା ରାଜ୍ୟ ବିବିସି ପ୍ରତିନିଧି ସୁବ୍ରତ ପତି ସ୍ୱତନ୍ତ୍ର ବକ୍ତାଭାବେ ଯୋଗଦେଇଥିଲେ। ସମସ୍ତଙ୍କ କାର୍ଯ୍ୟ ଓ ଜୀବନରେ ଯୋଗାଯୋଗ ଓ ସୂଚନା ସାମ୍ପ୍ରତିକ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପତି କହିଥିଲେ। ଗଣଯୋଗାଯୋଗ କ୍ଷେତ୍ରରେ ନୂତନ ନିଯୁକ୍ତିର ଭରପୂର ସୁଯୋଗ ରହିଥିବାରୁ ବିଭିନ୍ନ ବର୍ଷର ଛାତ୍ରଛାତ୍ରୀ ଏହାର ଲାଭ ଉଠାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସାରା ରାଜ୍ୟରେ ସମ୍ପ୍ରତି ବିଭିନ୍ନ ବର୍ଗର ୬୦ଟି ରେଡିଓ ସେଣ୍ଟର ବା ବେତାର କେନ୍ଦ୍ର ରହିଥିବାରୁ ରେଡିଓ ବର୍ତ୍ତମାନ ସମୟରେ ଗଣଯୋଗାଯୋଗର ବ୍ୟବସ୍ଥାର ଏକ ଉତ୍ତମ ମାଧ୍ୟମ ହୋଇପାରିଛି। କୌଣସି କ୍ଷେତ୍ରରେ ସଫଳତା ପାଇବା ପାଇଁ ଉତ୍ତମ ଯୋଗାଯୋଗ ଦକ୍ଷତାର ଆବଶ୍ୟକତା ରହିଛି। ମହାତ୍ମା ଗାନ୍ଧୀ, ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ପ୍ରମୁଖଙ୍କ ଉଦାହରଣ ଦେଇ ଯେଉଁ ବ୍ୟକ୍ତି ଯୋଗାଯୋଗ କ୍ଷେତ୍ରରେ ଯେତେ ପ୍ରସିଦ୍ଧ ସେ ନିଜ ଜୀବନରେ ସେତେ ପ୍ରସିଦ୍ଧ ବୋଲି ପତି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ବର୍ତ୍ତମାନ ସମୟରେ ଗଣଯୋଗାଯୋଗ ଓ ସାମ୍ବାଦିକତା ସମ୍ପର୍କରେ ଆଲୋଚନା କରିଥିଲେ। ଦିନକୁ ଦିନ ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରୁଛି ବୋଲି ସେ କହିଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ଆକାଶ କୁମାର ଘୋଷ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବର୍ଷର ଛାତ୍ରଛାତ୍ରୀ ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ। ଏହାସହ ଶୀର୍ଷକ ଆଲୋଚନା ପ୍ରସଙ୍ଗରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 17 Jan 2024 - Page 4

Physics

Principal
Govt. (Auto) College
Rourkela

● ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳାର ସପ୍ତମ ଅର୍ଘ୍ୟ



ରାଉରକେଲା,୧୬।୧(ସମିସ): ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନାଁକିତ୍ର "ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତା ଶୃଙ୍ଖଳା'ର ସପ୍ତମ ଅର୍ଘ୍ୟ କାର୍ଯ୍ୟକ୍ରମରେ "କ୍ୱାଣ୍ଟମ୍ ମେକାନିକ୍ସ ଓ କ୍ୱାଣ୍ଟମ କମ୍ପ୍ୟୁଟିଂ" ଶୀର୍ଷକ ଅଭିଭାଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ୱତନ୍ତ୍ରରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ଛାତ୍ରୀ ପ୍ରତିମା ଭିଆଳ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ଦେଓଗଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏନ୍ଆଇଟି ରାଉରକେଲାର ପ୍ରାକ୍ତନ ନିର୍ଦ୍ଦେଶକ ତଥା ବ୍ରହ୍ମପୁର ବିଶ୍ୱର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଡ. ସାମାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ସଂପ୍ରତି ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ବ୍ୟାପକ ଅଭିବୃଦ୍ଧି ଓ ପ୍ରଚାର ପ୍ରସାର ଦିଗରେ କ୍ୱାଣ୍ଟମ ମେକାନିକ୍ସ ଓ କ୍ୱାଣ୍ଟମ କମ୍ପ୍ୟୁଟିଂର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଡ. ପାଣିଗ୍ରାହୀ ଆଲୋଚନା କରିଥିଲେ। ବିଶେଷ କରି ବିଭିନ୍ନ ପ୍ରକାରରେ ପ୍ରଯୁକ୍ତିବିଦ୍ୟା ଜନିତ ପାଠ୍ୟକ୍ରମ, ମହାକାଶ ବିଜ୍ଞାନ ଆଦି କ୍ଷେତ୍ରରେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପୂର୍ବରୁ ଥିବା କ୍ଲାସିକାଲ କମ୍ପ୍ୟୁଟିଂଠାରୁ ଅଧିକ ଉନ୍ନତ ବୋଲି ଡ. ପାଣିଗ୍ରାହୀ କହିଥିଲେ। ଏହି କ୍ରମରେ ଭାରତ ସରକାରଙ୍କ ଦ୍ୱାରା କ୍ୱାଣ୍ଟମ କମ୍ପ୍ୟୁଟିଂ କ୍ଷେତ୍ରରେ ଆଗାମୀ କିଛି ବର୍ଷ ମଧ୍ୟରେ ପ୍ରାୟ ୬ ହଜାର କୋଟି ଟଙ୍କାର ନିବେଶ କରାଯିବ ବୋଲି ଡ. ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହା ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ କ୍ୱାଣ୍ଟମ ମେକାନିକ୍ସ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ଡ. ଅନ୍ନପୂର୍ଣ୍ଣା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ବକ୍ତୃତାମାଳା ସିରିଜର ସଂଯୋଜିକା ଡ. ସସ୍ମିତା ସାମଲଙ୍କ ସମେତ ବିଭାଗୀୟ ଅଧ୍ୟାପିକା ଡ. [illegible] ଦାସ, ସଙ୍ଘମିତ୍ରା ପାତ୍ର, ଡ. ଶୁଭଜ୍ୟୋତି ମହାପାତ୍ର, ଡ. ସତ୍ୟବ୍ରତ ଶତପଥୀ, ଡ. ନିରଞ୍ଜନ ସାହୁ, ଡ. ବିଶ୍ୱନାଥ ପଟ୍ଟନାୟକ ଓ ଅଶୋକ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳାର ସପ୍ତମ ଅର୍ଘ୍ୟ

[illegible]



[illegible]

[illegible]

Principal
Govt. (Auto) College
Rourkela

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ସ୍ୱ-ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ

21/02/24

SHARE 0



ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ସ୍ୱ-ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳି ଅନୁସାରେ ସ୍ନାତକବର୍ଷର ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ସ୍ୱ-ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଯୁକ୍ତ ଦୁଇ ବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତାକୁ ଦୃଷ୍ଟିରେ ଆରମ୍ଭ ହୋଇଥିବା ଏହି ଯୋଜନା ବର୍ତ୍ତମାନ ସ୍ନାତକବର୍ଷର ଛାତ୍ରୀମାନଙ୍କ ପାଇଁ ଆରମ୍ଭ ହେବାକୁ ଯାଉଛି। ଏହି କୌଶଳ ଶିକ୍ଷା କରିଥିଲେ ଯେକୌଣସି ପରିସ୍ଥିତିରେ ଛାତ୍ରୀମାନେ ନିଜକୁ ରକ୍ଷା କରି ପାରିବାର ସୁଯୋଗ ପାଇବେ। ଏହି କୌଶଳ ମାଧ୍ୟମରେ ଛାତ୍ରୀମାନଙ୍କୁ ସଶକ୍ତ କରାଯିବା ସହ ସେମାନଙ୍କ ଉପରେ ହେଉଥିବା ଶାରୀରିକ ଆକ୍ରମଣକୁ ସେମାନେ ପ୍ରତିହତ କରିବା ସହ ନିଜକୁ ସୁରକ୍ଷିତ ରଖିପାରିବେ। ଏହା ସହିତ ଛାତ୍ରୀମାନେ ନିଜକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିବା ପାଇଁ ନିଜ ମଧ୍ୟରେ ମାନସିକଭାବେ ଦୃଢ଼ ହୋଇପାରିବେ। ଏହି କ୍ରମରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ଅଧ୍ୟକ୍ଷ ପ୍ରଫେସର ଡ଼ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱ-ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବ୍ ଆରମ୍ଭ ହୋଇଛି। ସ୍ନାତକ ବର୍ଷ ପାଇଁ [illegible] ଅଧ୍ୟାପିକା ଡ଼ ସ୍ମୃତିରେଖା ମିଶ୍ରଙ୍କ ସଂଯୋଜନାରେ ଆସନ୍ତା ଦିନରେ ୨୦ଟି କାର୍ଯ୍ୟଦିବସରେ ଛାତ୍ରୀମାନଙ୍କୁ ସ୍ୱ-ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ସମ୍ପର୍କରେ ଏହି ଅବସରରେ ପ୍ରଫେସର ଡ଼ ବେହେରା ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପିକା ତଥା କ୍ଲବର ସଦସ୍ୟା [illegible] ପାତ୍ରଙ୍କ ସଂଯୋଜନାରେ ଏହି ଉଦଘାଟନୀ ହୋଇଥିବା ସଭାରେ ମହାବିଦ୍ୟାଳୟର କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଅଧ୍ୟାପିକା [illegible] ଦାସ ଏବଂ ଯୁକ୍ତ ଦୁଇ ବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା [illegible] ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି[illegible] ଅବସରରେ ଆସନ୍ତା ଦିନରେ ହେବାକୁ ଥିବା ପ୍ରଶିକ୍ଷଣକୁ ପରିଚାଳନା କରିବାକୁ ଥିବା ରାଜ୍ୟ [illegible] ବିଭାଗ ପକ୍ଷରୁ [illegible] ମହିମା [illegible] ମଲ୍ଲିକ ଏବଂ [illegible] ଦାସ ଆତ୍ମରକ୍ଷା ସମ୍ପର୍କୀୟ କୌଶଳ ପ୍ରଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ [illegible] ଛାତ୍ରୀମାନଙ୍କୁ ଖେଳକୁଦ ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବାର୍ତ୍ତା ଦିଆଯିବ ବୋଲି ସଂଯୋଜିକା ଡ଼ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ରସାୟନ ବିଭାଗର ଅଧ୍ୟାପିକା ଡ଼ [illegible] ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ବର୍ଷର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସ୍ନାତକ ବର୍ଷର ପ୍ରଥମ ବର୍ଷ ଛାତ୍ରୀମାନେ ଯୋଗଦେଇଥିଲେ।

Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 24 Feb 2024 - Page 13

Principal
Govt. (Auto) College
Rourkela

। କରିଥିଲେ।

ସୂଚନା ଦିଆଯାଇଛି।

ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ରାଜ୍ୟ ଜାହାଙ୍ଗୀର ଅଲ୍ଲୀ, ହୃଦୟାନନ୍ଦ ଯାଦବ, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମହାବିଦ୍ୟାଳୟରେ ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ

**ରାଉରକେଲା,୨୩।୨(ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ମୁତାବକ ସ୍ନାତକବର୍ଗର ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କ୍ଲବ୍ ଉଦ୍‌ଘାଟିତ ହୋଇଛି। ପୂର୍ବରୁ ଯୁକ୍ତଦୁଇ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିବା ଏହି ଯୋଜନା ସମ୍ପ୍ରତି ସ୍ନାତକ ଛାତ୍ରୀମାନଙ୍କ ପାଇଁ ଆରମ୍ଭ ହେବାକୁ ଯାଉଛି। ଏହି କୌଶଳ ଶିକ୍ଷା କରିଥିଲେ ଯେକୌଣସି ପରିସ୍ଥିତିରେ ଛାତ୍ରୀମାନେ ନିଜକୁ ରକ୍ଷା କରିପାରିବାର ସୁଯୋଗ ପାଇବେ। ଏହି କ୍ରମରେ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ସ୍ୱ-ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବ୍ ଆରମ୍ଭ ହୋଇଛି।

ସ୍ନାତକ ବର୍ଗ ପାଇଁ ନୋଡାଲ ଅଧିକାରୀ ଅଧାପିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ରଙ୍କ ସଂଯୋଜନାରେ ଆଗାମୀ ଦିନରେ ୨୦ଟି କାର୍ଯ୍ୟଦିବସରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ସମ୍ପର୍କରେ ଏହି ଅବସରରେ ପ୍ରଫେସର ଡ. ବେହେରା ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧାପିକା ତଥା କ୍ଲବ୍‌ର ସଦସ୍ୟା ସନ୍ତୋଷିନୀ ପାତ୍ରଙ୍କ ସଂଯୋଜନାରେ ଏହି ଉପଲକ୍ଷେ ହୋଇଥିବା ସଭାରେ ମହାବିଦ୍ୟାଳୟର କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଅଧାପିକା କ୍ୟାପ୍‌ଟେନ ମୀନା ଦାସ ଏବଂ ଯୁକ୍ତ ଦୁଇ ବର୍ଗର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ମମତା ବାକ୍ସଲା ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ପ୍ରଶିକ୍ଷଣକୁ ପରିଚାଳନା କରିବାକୁ ଥିବା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାରି ମୁଣ୍ଡାରି, ମହିମା ସୁନ୍ଦରୀ ମଲ୍ଲିକ ଏବଂ ସ୍ୱର୍ଣ୍ଣମିତ୍ର ଦାସ ଆତ୍ମରକ୍ଷା ସମ୍ପର୍କିତ କୌଶଳ ପ୍ରଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଜରିଆରେ ଛାତ୍ରୀମାନଙ୍କୁ ଖେଳକୁଦ ସହ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବାର୍ତ୍ତା ଦିଆଯିବ ବୋଲି ସଂଯୋଜିକା ଡ. ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ରସାୟନ ବିଜ୍ଞାନ ବିଭାଗ ଅଧାପିକା ଡ. ସୋନିଆ ଧନ୍ୟବାଦ ଦେଇଥିଲେ।



# ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନା ଚକ୍ର

by masiha  February 24, 2024  0  9

SHARE  0




*ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନା ଚକ୍ର*

*କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଆଲୋଚନାଚକ୍ର*

Principal
Govt. (Auto) College
Rourkela

### କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଆଲୋଚନାଚକ୍ର

ରାଉରକେଲା: କେନ୍ଦ୍ର ସାହିତ୍ୟ ଅକାଦେମୀ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ସାହିତ୍ୟ ଆଲୋଚନା ଚକ୍ର ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। 'ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନା ଚକ୍ରର ଉଦ୍‌ଘାଟନୀ ସଭାରେ ସଭାମୁଖ୍ୟଭାବେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଅବହେଳିତମାନଙ୍କ ସମ୍ପର୍କରେ ହୋଇଥିବା ବିଭିନ୍ନ ଲେଖା ସମ୍ପର୍କରେ




ଉଦାହରଣ ଦେଇଥିଲେ। ରାଉରକେଲା ଭଳି ଏକ ଉପାନ୍ତ ସହରରେ ସାହିତ୍ୟ ଅକାଦେମୀ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସମ୍ପର୍କରେ ଶ୍ରୀ ଦାସ ବାର୍ତ୍ତା ଦେଇଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଓ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ସମ୍ପର୍କରେ ଉଦାହରଣ ଦେଇ ଓଡ଼ିଆ ସାହିତ୍ୟରେ ଅବହେଳିତ ସମ୍ପର୍କରେ ଅବତାରଣା କଥା ସମ୍ପର୍କରେ ଶ୍ରୀ ଦାସ କହିଥିଲେ। ପ୍ରାରମ୍ଭରେ ସାହିତ୍ୟ ଅକାଦେମୀ, କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାୟକ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ବିଜୟ କୁମାର ବେହେରା ବଳରାମ ଦାସଙ୍କ ଶ୍ରୀୟା ଚଣ୍ଡାଳୁଣୀ ଉପାଖ୍ୟାନ ଓ ଜଗନ୍ନାଥ ସଂସ୍କୃତିର ଉଦାହରଣ ଦେଇ ଡ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚ୍ୟ ବିଷୟ ସମ୍ପର୍କରେ ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅବହେଳିତ ମାନଙ୍କ ସମସ୍ୟା ସମ୍ପର୍କରେ ସାହିତ୍ୟିକ ମାନଙ୍କ ସମେତ ସମାଜଶାସ୍ତ୍ରୀ ମାନେ ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲେ। ସାମାଜିକ ଚିନ୍ତାରୁ ସାମାଜିକ ଚେତନା ଆଡ଼କୁ ଯିବା ଏବଂ ସମାଜ ବିକାଶରେ ସାହିତ୍ୟିକମାନଙ୍କର ଗୁରୁ ଦାୟିତ୍ୱ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ସଭାର ଶେଷରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ ସୁଷମା ମୋଦି ଧନ୍ୟବାଦ ଦେଇଥିଲେ।

Principal
Govt. (Auto) College
Rourkela

୨୧ / ୦୨ / ୨୪

Principal
Govt (Auto) College
Rourkela

ସକାଳ
THE SAKALA
Rourkela - 23 Feb 2024 - Page 14

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ରାଉରକେଲା, ୨୨।୨(ସମିସ)

ର୍ଜାତୀୟ ମାତୃଭାଷା ଦିବସ ପରିପ୍ରେକ୍ଷୀରେ ରାଉରକେଲା ଙ୍ଗ ଶାସିତ ସରକାରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ତୃଭାଷା ଦିବସ ପାଳିତ ହୋଇଛି। ୧୯୫୨ ମସିହାରେ ନ୍ଦୋଳନକାରୀମାନେ ବଙ୍ଗଳା ଭାଷାକୁ ସ୍ୱୀକୃତି ଦେବା ଇଁ ଲଢେଇ କରୁଥିଲେ। ଏହି କ୍ରମରେ ୧୯୫୨ ମସିହା ୨୧ ବୃଆରୀ ଦିନ ବଙ୍ଗଳା ଦେଶର ରାଜଧାନୀ ଢାକାରେ ୪ ଜଣ ଙ୍ଗଭାଷୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ରାଯିବା ପାଇଁ ଜାତିସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପିକା ଡ. ସୁଚିତ୍ରା ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପିକା ନମିତା ସ୍ୱାଇଁ, ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସୁରତ ଗିରିଙ୍କ ସମେତ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ଉପସ୍ଥିତ ଥିଲେ। ଡ ମହାନ୍ତି ଏହି ଅବସରରେ ଭାଷା ଆମ ସଂସ୍କୃତିର ରକ୍ଷକ ବୋଲି କହିଥିଲେ।



## ● ଉତ୍କଳ ସମ୍ମିଳନୀ ବିସ୍ରା ଶାଖା

ସେହିପରି ଉତ୍କଳ ସମ୍ମିଳନୀ ବିସ୍ରା ଶାଖା ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ଓ ପ୍ରତିଷ୍ଠା ଦିବସ ବିସ୍ରାସ୍ଥିତ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଛି। ସଭାପତି ପ୍ରଦୀପ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ସେବା ନିବୃତ୍ତ ସିଜିଏମ୍ ରାଧାକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ପ୍ରତ ସ
ଉଦୟ
ଜେନା,

ଦୁର୍ଘ

ବଣାଇଁ,
ବଣାଇ
ବୀମାରା
ଭଗବାନ
୨୦୨୩
ତାଙ୍କୁ କ
ମୃତ୍ୟୁ ଘ
ଗୋଷ୍ଠୀ
ବୀମା
ହୋଇଥି
ସ୍ୱାମୀ ଗ୍
କରାଯା
ଉପସ୍ଥିତ
ପରିଚାଳ

ସମ୍ବାଦ

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



ରାଉରକେଲା,୨୧/୨(ଇମିସ): ୧୯୫୨ ମସିହା ୨୧ ଫେବ୍ରୁଆରିରେ ବଙ୍ଗଳା ଦେଶର ରାଜଧାନୀ ଢାକାରେ ୪ ଜଣ ବଙ୍ଗଭାଷୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଆଜିର ଦିନକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହେଉଛି। ଏହି ଦିନକୁ ସ୍ମରଣୀୟ ଦିବସ ଉପଲକ୍ଷେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଭାଗୀୟ ଅଧ୍ୟାପିକା ଡ ସୁଚିତ୍ରା ମହାନ୍ତି। ହିନ୍ଦୀ ବିଭାଗର ମୁଖ୍ୟ ଅଧ୍ୟାପିକା ନମିତା ସ୍ୱାଇଁ, ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସୁରତ ଗିରିଙ୍କ ସମେତ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ ସୁଷମା ମୋଦି ଉପସ୍ଥିତ ଥିଲେ। ପ୍ରଫେସର ବେହେରା ତାଙ୍କ ବକ୍ତବ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।" ଉକ୍ତି ସମ୍ପର୍କରେ ସୂଚନା ଦେବା ସହ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଡ. ମୋଦି ତାଙ୍କ ବକ୍ତବ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଆମ ମାତୃଭାଷାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟକରିବା ଏବଂ ମାତୃଭାଷାର କ୍ଷେତ୍ରକୁ ବର୍ଦ୍ଧିତ କରିବାରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ।

ସେହିପରି ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ଆମ୍ବାଗନସ୍ଥ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଏବଂ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ସୁନାମଧନ୍ୟ ସ୍ତମ୍ଭକାର, ଗାଳ୍ପିକ, ଲେଖକ ଭୂପେନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଉରକେଲାର ସମସ୍ତ ସାହିତ୍ୟ ପ୍ରତିଷ୍ଠାନ, ସାମାଜିକ ସେବା ପ୍ରତିଷ୍ଠାନର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାମାନଙ୍କ ସମେତ ଭାରତ ସ୍କାଉଟସ ଆଣ୍ଡ ଗାଇଡସ୍ ର ଛାତ୍ରଛାତ୍ରୀ, ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଚତୁର୍ଥ ସ୍ତମ୍ଭର କର୍ମକର୍ତ୍ତା ଏବଂ ସାହିତ୍ୟ ପ୍ରତି ଅନୁରକ୍ତି ରଖିଥିବା ବହୁ ବ୍ୟବସାୟୀ ଓ ବୁଦ୍ଧିଜୀବି ଏହି ଭାଷା ଦିବସ ପାଳନ ସମାରୋହରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ଦାଶ, ନୃସିଂହଚରଣ ବିଶ୍ୱାଳ,ଡ. ସୁମନ ଦତ୍ତ,ଡ. ପ୍ରମୋଦ ଜଗଦ୍ଦେବ, ରାଧାମୋହନ ନାୟକ, ଇଂ ଅଶୋକ କୁମାର ପଟ୍ଟନାୟକ, ଲକ୍ଷଣନାଥ ଦାସ, ପ୍ରଫୁଲ୍ଲ ସାମଲ, ଗଙ୍ଗାଧର ପୁହାଣ, ଶ୍ରୀଧର ସୁନା, ବାବାଜୀଚରଣ ବେହେରା, ଧନଞ୍ଜୟ ମଲ୍ଲିକ, ମୀନକେତନ ପଶାୟତ,ବଳରାମ ରାଉଳ, ପ୍ରବୀର ଦୁବେ, ବିଜୟିନୀ ଜେନାଙ୍କ ସମେତ ବହୁ ଭାଷାପ୍ରେମୀ ଯୋଗଦେଇଥିଲେ।

21/02/24



Principal
Govt. (Auto) College
Rourkela

ସମ୍ବାଦ

02/02/24

# ସରକାରୀ କଲେଜରେ ବିଶ୍ୱ ଆଦ୍ରଭୂମି ଦିବସ

ରାଉରକେଲା, ୨/୨ (ଇମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଡ ବିଜୟ ବେହେରା ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ସମୀର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ ୧୯୭୧ ମସିହାରେ ଇରାନର କାସ୍ପିଆନ ସମୁଦ୍ର କୂଳରେ ଥିବା ରାମସାରଠାରେ ଆର୍ଦ୍ରଭୂମିର ଉପାଦେୟତା ଓ ମହତ୍ତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରିବା ପାଇଁ ଏକ ବୈଠକ ହୋଇଥିଲା। ଅଧ୍ୟକ୍ଷ ଡ. ବେହେରା ତାଙ୍କ ବକ୍ତବ୍ୟରେ ଆର୍ଦ୍ରଭୂମିର ସୁରକ୍ଷା ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ସମଗ୍ର ଦେଶରେ ରହିଥିବା ୮୦ଟି ରାମସାର ସାଇଟ ବା ଅଞ୍ଚଳ ମଧ୍ୟରୁ ଓଡ଼ିଶାରେ ଚିଲିକା ସମେତ ଅଂଶୁପା ହ୍ରଦ, ଭିତରକନିକାର ହେନ୍ତାଳ ବନାଞ୍ଚଳ, ହୀରାକୁଦ ବନ୍ଧ ଜଳାଶୟ ଅଞ୍ଚଳ, ସାତକୋଶିଆ ଗଣ୍ଡ ଏବଂ ଗଞ୍ଜାମର ତାମ୍ପରା ହ୍ରଦ ଭଳି ୬ଟି ରାମସାର ଅଞ୍ଚଳ ସମ୍ପର୍କରେ ଡ. ବେହେରା ସୂଚନା ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଆମି ଜଶ୍ଲିନ କୁଜୁର ଆର୍ଦ୍ରଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଭାରତର ପରିସୀମା ଓ ଜନସଂଖ୍ୟା, ପ୍ରାଣୀ, ଉଦ୍ଭିଦ ସୁସ୍ଥ ପରିସଂସ୍ଥାନ ଦୃଷ୍ଟିରୁ ଏହି ଆର୍ଦ୍ରଭୂମି ଅଞ୍ଚଳ ବହୁତ କମ୍ ଯାହାକି ମାତ୍ର ୪.୭% ଅଟେ ସମୁଦାୟ ପ୍ରାଣୀ ଜଗତ୍ ପାଇଁ ଏହି ଆଦ୍ରଭୂମି ବିଶେଷ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ମଣିଷ ସମାଜର ଅପରିଣାମଦର୍ଶିତା ଯୋଗୁ ଜୀବ ପ୍ରଜନନ ଓ ପରିସଂସ୍ଥାନର ଅନୁକୂଳ ଏହି ଆଦ୍ର ଭୂମି ଅଞ୍ଚଳ ଏବେ ସଙ୍କୁଚିତ ହେବାରେ ଲାଗିଛି ବୋଲି ଶ୍ରୀମତୀ କୁଜୁର କହିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଲାରିକ ମହନ୍ତ, ରାଧା କୁମାରୀ ଓ ମଧୁସ୍ମିତା ପରିଡ଼ାଙ୍କ ସମେତ ଅଧ୍ୟାପକ ଆକାଶ କୁମାର ସାହୁଙ୍କ ସମେତ ବିଭାଗର ରାୟମଣି କିସ୍କୁ ଓ ଲମ୍ବୋଦର ନାୟକଙ୍କ ସମେତ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ନିଖିଳ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

Principal
Govt. (Auto) College
Rourkela

02/02/24

ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ୪ ଫେବୃଆରୀ, ୨୦୨୪ | ପଶ୍ଚିମ ଓଡ଼ିଶା

Principal
Govt. (Auto) College
Rourkela

# ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

ରାଉରକେଲା,୩।୨ (ବିଜେନ୍ଦ୍ର ମିଶ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ବିଶ୍ୱ ଆର୍ଦ୍ରଭୂମି ଦିବସ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ସମୀର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଡକ୍ଟର ବେହେରା ତାଙ୍କ ବକ୍ତବ୍ୟରେ ଆର୍ଦ୍ରଭୂମିର ସୁରକ୍ଷା ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇ ବିଶ୍ୱସ୍ତରରେ ଆରମ୍ଭ ହୋଇଥିବା ରାମସର ଅଧିନ ଚିଲିକା ହ୍ରଦ ୧୯୮୧ ରେ ଦେଶର ପ୍ରଥମ ରାମସର ଶ୍ରେଣୀ ଭାବେ ସ୍ୱୀକୃତି ପାଇଥିଲା ବୋଲି କହିଥିଲେ। ଏହାସହିତ ସମ୍ପ୍ରତି ସମଗ୍ର ଦେଶରେ ରହିଥିବା ୮୦ଟି ରାମସାର ଅଞ୍ଚଳ ମଧ୍ୟରୁ ଓଡ଼ିଶାରେ ଚିଲିକା ସମେତ ଅଂଶୁପା ହ୍ରଦ, ଭିତରକନିକାର ହେନ୍ତାଳ ବନାଞ୍ଚଳ, ସାତକୋଶିଆ, ଓ ଗଞ୍ଜାମର ତାମରା ହ୍ରଦ ଭଳି ୬ଟି ରାମସାର ଅଞ୍ଚଳ ସମ୍ପର୍କରେ ଡ. ବେହେରା ସୂଚନା ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଆମି କଶ୍ୟପିନ କୁଜୁର ଆର୍ଦ୍ରଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଆର୍ଦ୍ରଭୂମି କହିଲେ ଓଦାଭୂମିକୁ ବୁଝାଏ। ଜଳ ଧାରଣବିଶିଷ୍ଟ ଅଳ୍ପ ଗଭୀର ଯେଉଁ ନିମ୍ନଭୂମିକୁ ଆମେ ବୁଝିଥାଉ ତାହା ଜୀବ ପରିସଂସ୍ଥାନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାଣିର ଭଟ୍ଟା ସମୟରେ ଯେଉଁ ଅଞ୍ଚଳରେ ୬ ମିଟରରୁ କମ୍ ଗଭୀରତାର ଜଳ ସଞ୍ଚିତ ହୁଏ ତାହାକୁ ଆର୍ଦ୍ରଭୂମି କୁହାଯାଇଥାଏ ବୋଲି କୁଜୁର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଲାଜିନ ମହନ୍ତ, ରାଧାକୁମାରୀ, ମଧୁସ୍ମିତା ପରିଡ଼ା, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଆକାଶ କୁମାର ସାହୁ, ରାଜମଣି ମିଶ୍ର, ଉପେନ୍ଦ୍ର ନାୟକ, ନିଖିଳ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

ସମ୍ବାଦ
19/06/24

# ବିଶ୍ୱ ରକ୍ତଶିକୁଳି ଦିବସ




ରାଉରକେଲା, ୧୯/୬(ଇମିସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା-ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ- ୱାଇଆରସି ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ - ଏନ୍‌ସିସି ଶାଖା ପକ୍ଷରୁ ମିଳିତଭାବେ ଏହି ଅବସରରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାଚୀରପତ୍ର ବା ପୋଷ୍ଟର ମେକିଙ୍ଗ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି ଓ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପ୍‌ଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। ପ୍ରତିଯୋଗିତାର ବିଚାରକଭାବେ ଅଧ୍ୟାପିକା ଡ ସସ୍ମିତା ସାମଲ ଓ ଡ ସୋନିଆ ଏବଂ ଅଧ୍ୟାପକ ମାୟାଧର ବାରିକ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ବେହେରା ଏହି ରୋଗ ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି, ରୋଗର ଶୀଘ୍ର ନିରାକରଣକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଭାବିତଙ୍କ ପାଇଁ ଯତ୍ନର ଗୁଣବତ୍ତା ଉପରେ ଧ୍ୟାନ ଦେବା ଉପରେ କହିଥିଲେ। ଚଳିତ ବର୍ଷ ଏହି ଦିବସ ପାଳନର ମୁଖ୍ୟ ପ୍ରସଙ୍ଗ ହେଉଛି 'ପ୍ରଗତି ମାଧ୍ୟମରେ ଆଶା- ବିଶ୍ୱସ୍ତରରେ ସିକିଲ୍ ସେଲ୍ ଦ୍ୱାରା ପ୍ରଭାବିତଙ୍କ ପାଇଁ ଯତ୍ନକୁ ଆଗେଇ ନେବା' ବୋଲି କ୍ୟାପ୍‌ଟେନ୍ ମୀନା ଦାସ ଆହ୍ୱାନ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ଆମେ ବିଶ୍ୱାସ କରୁ ଯେ, ଏକତ୍ରିତ ହୋଇ ଆମର ବର୍ଦ୍ଧିତ ସ୍ୱର ମାଧ୍ୟମରେ ଆମେ ସଚେତନତା ସୃଷ୍ଟି କରିବୁ, ଭ୍ରାନ୍ତ ଧାରଣା ହ୍ରାସ କରିବୁ ଏବଂ ଏହି ରୋଗରେ ଆକ୍ରାନ୍ତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବୁ ବୋଲି ବାର୍ତ୍ତା ଦେଇଥିଲେ।

Principal
Govt. (Auto) College
Rourkela

19/06/24




Principal
Govt. (Auto) College
Rourkela

19/06/24




Principal
Govt. (Auto) College
Rourkela

19/06/24

Principal
(Auto) College
Rourkela

# ‘ସୁସ୍ଥ ଲାଲ ରକ୍ତକଣିକା ଅଭାବରୁ ରକ୍ତ ଶିକୁଳି ରୋଗ ସୃଷ୍ଟି’



**●ସରକାରୀ କଲେଜରେ ବିଶ୍ୱ ରକ୍ତ ଶିକୁଳି ଦିବସ**

**●ସିକିଲ୍ ସେଲ୍ ଦ୍ୱାରା ପ୍ରଭାବିତଙ୍କ ପାଇଁ ଯତ୍ନକୁ ଆଗେଇ ନେବା**

ରାଉରକେଲା,୧୯।୬(ବ୍ୟୁରୋ): ପ୍ରତିବର୍ଷ ଜୁନ ୧୯ରେ ବିଶ୍ୱ ସିକିଲ୍ ସେଲ୍ ବା ରକ୍ତ ଶିକୁଳି ରୋଗ ବିଷୟରେ ଜନସଚେତନତା ବୃଦ୍ଧି ପାଇଁ ‘ବିଶ୍ୱ ସିକିଲ୍ ସେଲ୍ ସଚେତନତା ଦିବସ’ ପାଳନ କରାଯାଇଥାଏ। ଏହି ଅବସରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା-ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ-ୱାଇଆରସି ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ- ଏନ୍‌ସିସି ଶାଖା ପକ୍ଷରୁ ମିଳିତଭାବେ ଏହି ଅବସରରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହାସହିତ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ମେକିଂ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ.ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି ଓ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପ୍ଟେନ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପିକା ଡ. ସସ୍ମିତା ସାମଲ ଓ ଡ. ସାନିଆ ଏବଂ ଅଧ୍ୟାପକ ମାୟାଧର ବାରିକ ଦାୟିତ୍ୱ ତୁଲାଇଥିଲେ।

ପ୍ରଫେସର ବେହେରା ଏହି ରୋଗ ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି, ରୋଗର ଶୀଘ୍ର ନିରାକରଣକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଭାବିତଙ୍କ ପାଇଁ ଯତ୍ନର ଗୁଣବତ୍ତା ଉପରେ ଧ୍ୟାନ ଦେବା ନେଇ କହିଥିଲେ। ଏହି ରକ୍ତ କୋଷ ରୋଗର ବିଶ୍ୱ ବ୍ୟାପୀ ପ୍ରଭାବକୁ ସ୍ୱୀକୃତି ଦେଇ ମିଳିତ ଜାତିସଂଘର ସାଧାରଣ ସଭା ଡିସେମ୍ବର ୨୦୦୮ରେ ଏକ ସଂକଳ୍ପ ପାରିତ କରି ଜୁନ ୧୯କୁ ବିଶ୍ୱ ସିକିଲ୍ ସେଲ୍ ସଚେତନତା ଦିବସ ଭାବେ ନାମିତ ହୋଇଥିଲା ବୋଲି ଶ୍ରୀ ପୃଷ୍ଟି କହିଥିଲେ। ଅସୁସ୍ଥ ବା ଅସ୍ୱାଭାବିକ ରକ୍ତ କୋଷ ରୋଗ ହେଉଛି, ଏକ ଜେନେଟିକ୍ ବ୍ୟାଧି, ଯେଉଁଥିରେ ଲାଲ ରକ୍ତ କଣିକା ବିକୃତ ହୋଇ ଏକ ଦାଆ ଆକାରରେ ପରିଣତ ହୁଏ। ଏହି ଅସ୍ୱାଭାବିକ କୋଷଗୁଡ଼ିକ ଶୀଘ୍ର ମରିଯାଆନ୍ତି ଏବଂ ରକ୍ତ ପ୍ରବାହକୁ ରୋକିଦିଅନ୍ତି। ତେଣୁ ସୁସ୍ଥ ଲାଲ ରକ୍ତ କଣିକା ଅଭାବ ଯୋଗୁଁ ଏଭଳି ପରିସ୍ଥିତି ଆସେ ବୋଲି ଶ୍ରୀମତି ଭୋଇ କହିଥିଲେ। ଚଳିତବର୍ଷ ଏହି ଦିବସ ପାଳନର ମୁଖ୍ୟ ପ୍ରସଙ୍ଗ ହେଉଛି ‘ପ୍ରଗତି ମାଧ୍ୟମରେ ଆଶା- ବିଶ୍ୱସ୍ତରରେ ସିକିଲ୍ ସେଲ୍ ଦ୍ୱାରା ପ୍ରଭାବିତଙ୍କ ପାଇଁ ଯତ୍ନକୁ ଆଗେଇ ନେବା’ ବୋଲି କ୍ୟାପଟେନ ମୀନା ଦାସ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ବିଭିନ୍ନ ସଚେତନତା କରିଥିଲେ। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଜୁନ ୧୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ୧୫ ଦିନ ଧରି ସିକିଲ୍ ସେଲ୍ ରୋଗର ପରୀକ୍ଷା ବା ସ୍କ୍ରିନିଂ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

ସକାଳ
THE SAKALA
Rourkela - 23 Jun 2024 - Page 4

୨୧/୦୬/୨୪

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ



ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆର୍ଟ ଅଫ୍ ଲିଭିଂ ଅନୁଷ୍ଠାନ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍), ଯୁବ ରେଡ୍‌କ୍ରସ (ୱାଇଆର୍‌ସି) ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଶାଖା ପକ୍ଷରୁ ମିଳିତଭାବେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୃଷ୍ଟି, ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପ୍‌ଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। ଆର୍ଟ ଅଫ୍ ଲିଭିଂ ଅନୁଷ୍ଠାନର ବୀରେନ୍ଦ୍ର ସିଂହ ସାହୋଟା ଓ ବଲବିନ୍ଦର କୌର ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ରାଉରକେଲାରେ ଅବସ୍ଥାପିତ ଏନ୍‌ସିସି ୯ମ ବାଟାଲିୟନ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ସ୍ୱତନ୍ତ୍ର ଭାବେ ଯୋଗଦେଇଥିଲେ।

ଏହି ଅବସରରେ ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଯୋଗ ଦିବସ ପାଳନର ପ୍ରସଙ୍ଗ ରହିଥିଲା 'ନିଜ ଓ ସମାଜ ପାଇଁ ଯୋଗ'। ଏହି ପ୍ରସଙ୍ଗ ସମ୍ପର୍କିତ ବାର୍ତ୍ତା ମଧ୍ୟ ଦିବସ ପାଳନ ଅବସରରେ ଦିଆଯାଇଥିଲା। ଏହି ଅବସରରେ ୨୨୭ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ଏହା ସହିତ କେବଳ ଗୋଟିଏ ଦିନ ନ କରି ପ୍ରତିଦିନ ନିୟମିତ ଭାବେ ଭିନ୍ନ ଭିନ୍ନ ପ୍ରକାରର ଯୋଗାଭ୍ୟାସ ଜାରି ରଖିବାକୁ ପ୍ରଫେସର ଡ. ବେହେରା ପରାମର୍ଶ ଦେଇଥିଲେ।

Principal
Govt. (Auto) College
Rourkela




Principal
Govt. (Auto) College
Rourkela

21/06/24



Principal
Govt. (Auto) College
Rourkela

21/06/24

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ ଦିବସ



ରାଉରକେଲା,୨୧।୬(ସହର ): ବିଶ୍ୱ ଯୋଗ ଦିବସରେ ସାମିଲ ହେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା-ଏନ୍ଏସ୍ଏସ୍, ଯୁବ ରେଡ୍‌କ୍ରସ- ୱାଇଆର୍‌ସି ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସି ଶାଖା ପକ୍ଷରୁ ମିଳିତଭାବେ ଆର୍ଟ ଅଫ୍ ଲିଭିଙ୍ଗ୍ ଅନୁଷ୍ଠାନ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍‌ର ସଂଯୋଜକ ଅଧ୍ୟାପକ ସମୀର ସୌରଭ ପୁଷ୍ଟି ଓ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ, ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍ ଅଧିକାରୀ ଅଶୋକ ମିଞ୍ଜ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପ୍‌ଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ । ଆର୍ଟ ଅଫ୍ ଲିଭିଙ୍ଗ୍ ଅନୁଷ୍ଠାନର ବୀରେନ୍ଦ୍ର ସିଂହ ସାହୋଟା ଓ ବଲବିନ୍ଦର କୌର ଯୋଗ ପ୍ରଶିକ୍ଷକ ଭାବେ ଯୋଗାସନ ପ୍ରଦର୍ଶନ କରିଥିଲେ । କେବଳ ଗୋଟିଏ ଦିନ ନ କରି ପ୍ରତିଦିନ ଯୋଗାଭ୍ୟାସ ଜାରି ରଖିବାକୁ ପ୍ରଫେସର ଡଃ ବେହେରା ପରାମର୍ଶ ଦେଇଥିଲେ । ରାଉରକେଲାରେ ଅବସ୍ଥାପିତ ଏନ୍‌ସିସି ନବମ ବାଟାଲିୟନ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଏନସିସି କ୍ୟାଡେଟ୍ ସ୍ୱତନ୍ତ୍ର ଭାବେ ଯୋଗ ଦେଇଥିଲେ । ସେହିପରି ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

Principal
Govt. (Auto) College
Rourkela


CAMPUS CLEANING
CAMPAIGN
GPS Map Camera
Rourkela, Odisha, India
4, Panposh, Rourkela, Odisha 769004, India
Lat 22.226417°
Long 84.808592°
28/11/23 09:11 AM GMT +05:30
Google


GPS Map Camera
Rourkela, Odisha, India
4, Panposh, Rourkela, Odisha 769004, India
Lat 22.226183° Long 84.807868°
Plus Code : 7MJ66RG5+F4
28/11/23 10:05 AM GMT +05:30
Note : Government autonomous colle
Captured by Pradosh ranjan
25.11° C
Google

EYDP Programme



15/4/2023



15/11/2023



15/11/2023



IYDP

Date 16/11/2023

Principal
Govt. (Auto) College
Rourkela

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଦର୍ଶନ ଦିବସ



ରାଉରକେଲା,୧୬।୧୧(ବ୍ୟୁରୋ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ବିଶ୍ୱ ଦର୍ଶନ ଦିବସ ପାଳିତ ହୋଇଯାଇଛି। ବିଶ୍ୱରେ ଦାର୍ଶନିକ ଓ ସମୀକ୍ଷାତ୍ମକ ଚିନ୍ତନକୁ ସକଳ ବିଦ୍ୟାର ଆଧାର ରୂପେ ଗୃହୀତ ହୋଇଛି। ପ୍ରତିବର୍ଷ ୟୁନେସ୍କୋ ପକ୍ଷରୁ ନଭେମ୍ବର ମାସର ତୃତୀୟ ଗୁରୁବାରକୁ ବିଶ୍ୱ ଦର୍ଶନ ଦିବସ ଭାବେ ପାଳନ କରାଯାଇଥାଏ। ଏହି କ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ଏହି ଅବସରରେ ପ୍ରାକ୍ତନ ଦର୍ଶନ ବିଭାଗର ପ୍ରାଧ୍ୟାପକ ଏଣ୍ଡ୍ରୋଲୁସ୍ କୁଜୁର୍ ମାନବ ଜୀବନରେ ଦର୍ଶନର ସ୍ଥାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସମ୍ପ୍ରତି ବିଶ୍ୱର ବିଭିନ୍ନ ଘଟଣାରେ କିଭଳି ମାନବିକତା ଓ ମାନବୀୟ ମୂଲ୍ୟବୋଧର ସଙ୍କଟ ଦେଖା ଦେଇଛି ଓ ସଚେତନ ମନୁଷ୍ୟଙ୍କର ଏଥିପ୍ରତି ଥିବା ଦାୟିତ୍ୱବୋଧ ସମ୍ପର୍କରେ କହିଥିଲେ। ଏଥିସହ ଶ୍ରୀ କୁଜୁର୍ ପୁରାତନ ଦର୍ଶନ, ଗ୍ରୀକ୍ ଦର୍ଶନ, ପାଶ୍ଚାତ୍ୟ ଦର୍ଶନ ଓ ପ୍ରାଚ୍ୟ ଦର୍ଶନ ସମ୍ପର୍କରେ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ରଶ୍ମିରେଖା ପାଲ୍ ସ୍ୱାଗତ ଅଭିଭାଷଣ ଦେବା ସହ ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଡ. ବେହେରା ଆମ ସମସ୍ତଙ୍କ ଜୀବନ କୌଣସି ନା କୌଣସି ଦର୍ଶନ ମାଧ୍ୟମରେ ପରିଚାଳିତ ହୋଇଥାଏ ବୋଲି କହିବା ସହ ସମଗ୍ର ବିଶ୍ୱରେ ଭାରତୀୟ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଦର୍ଶନ ର ଦର୍ଶନ' ଶୀର୍ଷକ ଏକ କ୍ଷୁଦ୍ର ନାଟିକା ପରିବେଷଣ ମାଧ୍ୟମରେ ମଣିଷ ଜୀବନରେ ଦର୍ଶନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ଅଧ୍ୟାପିକା ଡ. ପଙ୍କଜିନୀ ବେହେରାଙ୍କ ସହିତ ବିଭାଗର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପିକା ତୃପ୍ତି ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହିତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## କଲେଜରେ ନୂଆ-ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମର ତୃତୀୟ ଦିନ

Date - 25/11/23

# ବିଭିନ୍ନ ଖେଳକୁଦ ସହ ଖୋ ଖୋ ପ୍ରତିଯୋଗିତା





ରାଉରକେଲା, ୨୫ ।୧୧(ସମିସ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପକ୍ଷରୁ ଆୟୋଜିତ ନୂଆ ଓଡ଼ିଶା ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଖେଳକୁଦ ପ୍ରତିଯୋଗିତାର ତୃତୀୟ ଦିନରେ ଖୋ ଖୋ ସହ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପ୍ରତିଯୋଗିତାଗୁଡ଼ିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଓ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବର୍ଗ ପାଇଁ ସଂଯୋଜକ ପ୍ରଦୀପ ସାହୁ ଓ ଯୁ ଡକ ଓ ସ୍ନାତକୋତ୍ତର ପାଇଁ ସଂଯୋଜକ ସମୀର ସୌରଭ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଛି । ପ୍ରଥମ ଦିନରେ ନିର୍ଦ୍ଧାରିତ ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ଛାତ୍ରୀମାନଙ୍କ ଓ ମହାବିଦ୍ୟାଳୟର ଅଧ୍ୟାପିକା ଓ କର୍ମଚାରୀମାନଙ୍କ ମଧ୍ୟରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀମାନେ ବିଜୟୀ ହୋଇଥିଲେ । ତୃତୀୟ ଦିନ ଖେଳରେ ଏହା ପ୍ରମୁଖ ଆକର୍ଷଣ ଥିଲା । ଖୋ ଖୋ ଖେଳକୁ ଅଧିକ ସାଜୁ ଏବଂ ଦର୍ଶକମାନେ ପରିଚାଳନା କରିଥିଲେ । ଏହା ସହିତ ତୃତୀୟ ଦିନରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିସ୍କସ ଥ୍ରୋ, ସଟପୁଟ, ଲମ୍ବଡିଆଁ ଓ ଉଚ୍ଚଡିଆଁ ଆଦି ଖେଳକୁ କ୍ରୀଡ଼ା ଶିକ୍ଷକ ବାସୁଦେବ ମାଝୀ, ଦାଉଦ ଏକ୍କା ଲୁଥିଅନ୍ସ ପବ୍ଲିକ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଉପେନ୍ଦ୍ର ନାଥ, ପ୍ରେମାନନ୍ଦ ନାଏକ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ ।

ସେହିଭଳି ତୃତୀୟ ଦିନରେ ଫୁଟବଲ, ଭଲିବଲ ଓ ବାସ୍କେଟବଲର ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଓ ଚେସରେ ବର୍ଗରେ ହେଡ୍, ବ୍ୟାଡମିଣ୍ଟନ ଓ କାରାମ ଆଦି ଖେଳ ଅନୁଷ୍ଠିତ ହୋଇଛି । ଏହାକୁ ଖେଳକୁଦ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ପରିଚାଳନା କରିଥିଲେ ।

IYDP Programme

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟରେ ଖେଳ କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଯୁବ ଯୁବତୀ ପାଇଁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଭୟ କୁମାର ବେହେରା ଓ ଯୁକ୍ତ ତିନି ଓ ସ୍ନାତକୋତ୍ତର ସ୍ତର ପାଇଁ ନୋଡାଲ ଅଧିକାରୀ ମାୟାଧର ନାରିକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତର ପାଇଁ ସଂଯୋଜକ ପ୍ରଦୀପ ଘୋଷ୍ ଓ ସ୍ନାତକ ଓ ସ୍ନାତକୋତ୍ତର ପାଇଁ ସଂଯୋଜକ ସମୀର ସେଠିଙ୍କ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହେଉଛି।



ପ୍ରଥମ ଦିନ ମହାବିଦ୍ୟାଳୟର ମିନି ଷ୍ଟାଡିୟମ୍ ପରିସରରେ କ୍ରିକେଟ ଖେଳରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଯୁକ୍ତ ଦୁଇ ସହିତ ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ କ୍ରିକେଟ ସହିତ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

Principal
Govt. (Auto) College
Rourkela

# ନୂଆ-ଓ-ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟରେ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

1 min read

IYDP Programe

1 week ago · admin



Govt. (Auto) College Rourkela

IYDP Programe



YEDP Programme



Principal
(Auto) Colle
Rourkela



IYDP Programme




Principal
(Auto) Colle
Rourkela




Principal
Govt. (Auto) College
Rourkela




Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 30 Nov 2023 - Page 4

● ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା

# ସମାଜସେବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପଥପ୍ରାନ୍ତ ନାଟକ




ରାଉରକେଲା, ୨୯ ।୧୧(ସମିସ): ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ସମାଜସେବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ସଚେତନତା ଶୋଭାଯାତ୍ରା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଛି। ସମାଜସେବା କାର୍ଯ୍ୟକ୍ରମର ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ପାଇଁ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ ଏବଂ ଯୁକ୍ତ ଦୁଇ ପାଇଁ ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା ଉଦ୍‌ଘାଟନ କରିଛନ୍ତି। ଯୁକ୍ତ ଦୁଇ ବର୍ଗର ଛାତ୍ରଛାତ୍ରୀମାନେ ନିଶା ସେବନରୁ ଦୂରେଇ ରହିବା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରାରେ ଯୋଗଦେଇଥିଲେ। ସ୍ଥାନୀୟ ସିଭିଲ୍ ଟାଉନସିପସ୍ଥିତ ଯୋଗ ପାର୍କ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଛାତ୍ରଛାତ୍ରୀମାନେ ପହଞ୍ଚିଥିଲେ। ଏହା ସହ ମାନସିକ ସ୍ୱାସ୍ଥ୍ୟ ଓ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର ନିମନ୍ତେ ଦୁଇଟି ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ନମିତା ସ୍ୱାଇଁ, ଚନ୍ଦ୍ରାତି ତିର୍କୀ ଓ ଗ୍ଲାଡ୍‌ସି ବେକ୍ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

ସେହିଭଳି ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ମହାବିଦ୍ୟାଳୟ ନିକଟରେ ଥିବା ରୋଟାରୀ ଛକ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଏକ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହା ସହିତ କିଛି ସମୟ ପାଇଁ ଛକରେ ରହି ରାସ୍ତାରେ ଯାଉଥିବା ଗାଡ଼ିଚାଳକମାନଙ୍କୁ ହେଲ୍‌ମେଟ ଓ ସିଟ୍‌ବେଲ୍ଟ ପିନ୍ଧିବା ସମ୍ପର୍କରେ ସଚେତନ କରାଇଥିଲେ। ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ଡ. ବିଶ୍ୱନାଥ ପରିଜା ଏବଂ ଅନିତା ଜୈନ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Principal
Govt. (Auto) College
Rourkela

Principal
Govt. (Auto) College
Rourkela



Principal
Govt (Auto) College
Rourkela






Principal
Govt. (Auto) College
Rourkela

IYDP Programe

ପ୍ରଜାତନ୍ତ୍ର | କଟକ

# ‘ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପଥପ୍ରାନ୍ତ ନାଟକ



ରାଉରକେଲା(ପିପିଏସ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ସମାଜସେବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ସଚେତନତା ଶୋଭାଯାତ୍ରା ସହିତ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି। ସମାଜସେବା କାର୍ଯ୍ୟକ୍ରମର ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ପାଇଁ ସଂଯୋଜିକା ତଥା ଅଧ୍ୟାପିକା ରାମେଶ୍ୱରୀ ଭୋଇ ଏବଂ ଯୁକ୍ତ ଦୁଇ ପାଇଁ ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲା ଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା ଉଦ୍ ?ଘାଟନ କରିଥିଲେ। ଯୁକ୍ତ ଦୁଇ ବର୍ଗର ଛାତ୍ରଛାତ୍ରୀମାନେ ନିଶା ସେବନରୁ ଦୂରେଇ ରହିବା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରାରେ ଯୋଗଦେଇଥିଲେ। ସ୍ଥାନୀୟ ସିଭିଲ୍ ? ଟାଉନସିପ ସ୍ଥିତ ଯୋଗ ପାର୍କ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଛାତ୍ରଛାତ୍ରୀମାନେ ପହଞ୍ଚିଥିଲେ। ଏହା ସହିତ ମାନସିକ ସ୍ୱାସ୍ଥ୍ୟ ଓ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ବାର୍ତ୍ତାର ପ୍ରଚାର ନିମନ୍ତେ ଦୁଇଟି ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ନମିତା ସାହୁ, କହ୍ନାଇ ତିର୍କୀ ଓ ସ୍ମୃଦ୍ ?ସିବେକ୍ ? ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ମହାବିଦ୍ୟାଳୟ ନିକଟରେ ଥିବା ରୋଟାରୀ ଛକ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଏକ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହା ସହିତ କିଛି ସମୟ ପାଇଁ ଛକରେ ରହି ରାସ୍ତାରେ ଯାଉଥିବା ବିଭିନ୍ନ ବର୍ଗର ଗାଡ଼ିଚାଳକମାନଙ୍କୁ ହେଲ୍ ?ମେଟ ଓ ସିଟ୍ ?ବେଲ୍ଟ ପିନ୍ଧିବା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ ସ୍ମୃତି ସ୍ନିଗ୍ଧା ମିଶ୍ର, ଡ ବିଶ୍ୱନାଥ ପରିଡ଼ା ଏବଂ ଅନିତା ଜୈନ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ପରିଚାଳନା କରିଥିଲେ।

Principal
Govt. (Auto) College
Rourkela

National Education Day 11/11/2023

THE SAKALA
Rourkela • 14 Nov 2023 • Page 7

Principal
Govt. (Auto) College
Rourkela

# 'ମଣିଷପଣିଆର ଜ୍ଞାନ ଦେଇଥାଏ ଶିକ୍ଷା'



ଦେଇଥିଲେ। ଡ. ଆଜାଦଙ୍କ ଦ୍ୱାରା ସ୍ୱାଧୀନତା ପରବର୍ତ୍ତୀ ସମୟରେ ହୋଇଥିବା ଦେଶର ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତଙ୍କ ଜୀବନରେ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଡ. ବେହେରା ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପିକା ସୁଲେଖା ପରିଡ଼ାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗର ମୁଖ୍ୟ [illegible] ବାର୍ଲା ଉପସ୍ଥିତ ରହି ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା [illegible] ତିର୍କୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ. ସିଦ୍ଧେଶ୍ୱର ମିଶ୍ର ଦିବସ ପାଳନର ପ୍ରସଙ୍ଗ 'ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅଭିନବ ଶିକ୍ଷା' ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ 'ଶିକ୍ଷାର ମହତ୍ତ୍ୱ ଏବଂ ଗୁରୁତ୍ୱ' ସମ୍ବଳିତ ଏକ କ୍ଷୁଦ୍ର ନାଟକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

କାର୍ଯ୍ୟକ୍ରମ ଆରମ୍ଭରେ ଶିକ୍ଷାର ଆବଶ୍ୟକତା ଏବଂ ଗୁରୁତ୍ୱ ପ୍ରସଙ୍ଗଭିତ୍ତିକ ବିଭିନ୍ନ ପ୍ଲାକାର୍ଡ଼ ମାଧ୍ୟମରେ ବିଭାଗର ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏକ ପଦଯାତ୍ରାରେ ମହାବିଦ୍ୟାଳୟ ପରିସରରୁ [illegible] ପାନପୋଷ ଛକ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପଦଯାତ୍ରାକୁ ଡ. ବେହେରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ବିଭାଗୀୟ ଅଧ୍ୟାପିକା ପ୍ରତିମା ଖଡ଼ଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଅଧ୍ୟାପିକା କୁନ୍ତଳା ସ୍ୱାଇଁ, ମିତାଲିରାଣୀ ପାଢ଼ୀ, ସର୍ବାଣୀ [illegible] ପ୍ରମୁଖ ସହଯୋଗ କରିଥିଲେ।

11/11/2023

ସମ୍ବାଦ

# ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା

## ସରକାରୀ ସ୍ୱୟଂଶାସିତ କଲେଜରେ ଜାତୀୟ ଶିକ୍ଷା ଦିବସ




ରାଉରକେଲା, ୧୧।୧୧(ଇମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପ୍ରଫେସର ବିଜୟ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ ଡ. କିଶୋରୀ ଦାସ କହିଲେ, ଶିକ୍ଷା ହିଁ ମଣିଷପଣିଆର ଜ୍ଞାନ ବାଣ୍ଟିଥାଏ। ଅଜ୍ଞାନତାରୁ ଜ୍ଞାନ ଆଡ଼କୁ ଅଗ୍ରସର କରାଇବାରେ ଶିକ୍ଷା ସହାୟକ ହୋଇଥାଏ। ସଂପ୍ରତି ସାମାଜିକ ଗଣମାଧ୍ୟମ ସହିତ ଅନ୍ୟାନ୍ୟ ମାଧ୍ୟମର ବ୍ୟାପକ ପ୍ରଚାର ଓ ପ୍ରସାର ଯୋଗୁଁ ଆମେ ପରମ୍ପରା ଓ ସଂସ୍କୃତିଠାରୁ ଦୂରେଇ ଯାଉଛୁ। ଏ ଦିଗରେ ସମସ୍ତଙ୍କୁ ସଜାଗ ରହି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ବିଭାଗୀୟ ମୁଖ୍ୟ ଲଳିତା ମୁଣ୍ଡା ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଜ୍ୟୋତି ତିର୍କୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସିଦ୍ଧେଶ୍ୱର ମିଶ୍ର ଦିବସ ପାଳନର ପ୍ରସଙ୍ଗ 'ଏକ ସନ୍ତୁଳିତ ଭବିଷ୍ୟତ ନିମନ୍ତେ ଅଭିନବ ଶିକ୍ଷଣ' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ 'ଶିକ୍ଷାର ମହତ୍ୱ ଓ ଗୁରୁତ୍ୱ' ବିଷୟବସ୍ତୁ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ପୂର୍ବାହ୍ନରେ ଏକ ପଦଯାତ୍ରାରେ ମହାବିଦ୍ୟାଳୟ ପରିସରରୁ ବାହାରି ପାନପୋଷ ଛକ ପର୍ଯ୍ୟନ୍ତ ଯାଇ ଫେରିଥିଲା। ବିଭାଗୀୟ ଅଧ୍ୟାପିକା ଗୁରୁଦେଷ୍ଣା ପତ୍ରୀ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଶୁଭସ୍ମିତା ସ୍ୱାଇଁ, ମିତାଲି ରାଣୀ ପାତ୍ର, ସ୍ୱର୍ଣ୍ଣଲତା ସୁତାର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରତିମା ଖଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



Principal
Govt. (Auto) College
Rourkela

Principal
Govt. (Auto) College
Rourkela






Principal
Govt. (Auto) College
Rourkela

25/1/23

Principal
Govt. (Auto) College
Rourkela



ପ୍ରଜାତନ୍ତ୍ର | କଟକ | ୧୦.୧୧.୨୦୨୩ | ପୃଷ୍ଠା :୮

(History)

Principal
Govt. (Auto) College
Rourkela

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା



ରାଉରକେଲା(ପିଟିଏନ): ସୁନ୍ଦରଗଡ଼ ଜିଲ୍ଲାର ସନାତନ ପୁରାତନ ତଥା ପ୍ରତିଷ୍ଠିତ ମହାବିଦ୍ୟାଳୟ - ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ଆରମ୍ଭ ହୋଇଛି 'ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା'। ଏହି ବକ୍ତୃତା ଶୃଙ୍ଖଳା କାର୍ଯ୍ୟକ୍ରମର ପ୍ରଥମ ସୋପାନ 'ଓଡ଼ିଶାର ଜନଜାତିମାନଙ୍କର ଉନ୍ନତିରେ ଅବିଭକ୍ତ ବ୍ୟକ୍ତିତ୍ୱଭାବେ ନିର୍ମଳ ମୁଣ୍ଡାଙ୍କ ଭୂମିକା' ଶୀର୍ଷକ ବକ୍ତୃତାକୁ ଆରମ୍ଭ ହୋଇଛି। ଉପାଧ୍ୟକ୍ଷ ଇତିହାସ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା କୁଜୁର। ଓଡ଼ିଶାର ଅଦ୍ୱିତୀୟ ଜନଜାତି ସ୍ୱାଧୀନତା ସଂଗ୍ରାମୀଭାବେ ସ୍ୱର୍ଗତ ନିର୍ମଳ ମୁଣ୍ଡାଙ୍କ ନାମରେ ଆରମ୍ଭ ହୋଇଥିବା ଏହି ସ୍ମାରକୀ ବକ୍ତୃତାମାଳା ଆଗାମୀ ଦିନରେ ଭିନ୍ନ ଭିନ୍ନ ଦିନ ଆୟୋଜିତ ହେବ ବୋଲି ପ୍ରଫେସର ବେହେରା ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ ଏହି ସମ୍ପର୍କରେ ବକ୍ତୃତା ଶୃଙ୍ଖଳା କାର୍ଯ୍ୟକ୍ରମର ସଂଯୋଜିକା ଡ଼ଃ ସସ୍ମିତା ସାମଲ ସୂଚନା ଦେଇଥିଲାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଦାମିନୀ କୁଜୁର। ଏଥିରେ ମୁଖ୍ୟ ବକ୍ତାଭାବେ ଅବିଭାଜିତ ସମ୍ବଲପୁର ଓ ଗବେଷଣା କେନ୍ଦ୍ର-ସମ୍ବଲପୁର ନହରୁ, ସୁନ୍ଦରଗଡ଼ର ନିର୍ଦ୍ଦେଶକ ଡ଼ଃ [illegible] ଯୋଗଦେଇ ପରାଧୀନ ଓ ସ୍ୱାଧୀନ ଭାରତରେ ଜଣେ ଜଡ଼ିତ ଆଦିବାସୀ ନେତାଭାବେ ନିର୍ମଳ ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ୧୮ ବର୍ଷରେ ଉଚ୍ଚଶିକ୍ଷା ଓ [illegible] ଅଧ୍ୟୟନ କରି ସେ ଆଦିବାସୀମାନଙ୍କ ଉନ୍ନତି ଓ ବିକାଶ ପାଇଁ ଅନେକ କାର୍ଯ୍ୟ କରିଯାଇଛନ୍ତି। ବିଶେଷ କରି ବିଶ୍ୱ ଯୁଦ୍ଧ ସମୟରେ ଜଣେ ସାମରିକ ସଂଗ୍ରାମୀ ତଥା କୃଷକ ନେତାଭାବେ ପରିଚୟ ପାଇଥିବା ସହିତ ନିର୍ମଳ ମୁଣ୍ଡା ବିଧାୟକ ହେବା ସହ ଜଣେ ନିର୍ବାଚିତ ଜନ ପ୍ରତିନିଧି ମଧ୍ୟ ହୋଇଥିଲେ। ଭାରତର ଦ୍ୱିତୀୟ ଜାଲିଆନୱାଲାବାଗ ଭାବେ ପରିଚିତ ଆମକୋ-ସିମକୋ ଗୁଳିକାଣ୍ଡ ଘଟଣା ଓ ଏଥିରେ ସହିତ ନିର୍ମଳ ମୁଣ୍ଡାଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଥିବା ସତ୍ତ୍ୱେ ଆଜି ମଧ୍ୟ ଏହା ଏକ ଅନାଲୋଚିତ ଅଧ୍ୟାୟ ବୋଲି କହିଥିଲେ। ଇତିହାସ ବିଭାଗର ଅଧ୍ୟାପକ ବିପ୍ଲବ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ମାସ ୯ ତାରିଖ ଦିନ ବକ୍ତୃତା ଶୃଙ୍ଖଳାର ଦ୍ୱିତୀୟ ଅର୍ଦ୍ଧ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପାଳନ କରିବ। ଏଥିରେ ଏନ୍‌ଆଇଟି ରାଉରକେଲାର ରସାୟନ ବିଭାଗର ଡ଼ଃ [illegible] 'ଅନ [illegible] ଦିଗରେ [illegible] ପ୍ରଯୁକ୍ତି ବିଦ୍ୟା [illegible]' ଶୀର୍ଷକରେ ଆଲୋଚନା କରିବେ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା ଆରମ୍ଭ



ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା ଆରମ୍ଭ

[illegible]



[illegible]

Principal
Govt. (Auto) College
Rourkela

# गवर्नमेंट ऑटोनॉमस कॉलेज द्वारा निर्मल मुंडा मेमोरियल बौद्धिक व्याख्यान श्रृंखला शुरू



राउरकेला सुंदरगढ़ जिले के सबसे पुराने और प्रतिष्ठित कॉलेजों में से एक सरकारी स्वायत्त कॉलेज राउरकेला ने 'निर्मल मुंडा मेमोरियल बौद्धिक व्याख्यान श्रृंखला' शुरू की है, इस व्याख्यान श्रृंखला का पहला कार्यक्रम 'एक महान व्यक्तित्व के रूप में निर्मल मुंडा की भूमिका' नामक व्याख्यान के साथ शुरू हुआ,और 'ओडिशा के आदिवासियों का उत्थान' कार्यक्रम का आयोजन कॉलेज के अध्यक्ष प्रोफेसर विजय कुमार बेहरा की अध्यक्षता में और इतिहास विभाग की प्रमुख बसंती कुजूर द्वारा संचालन किया गया,और प्रो बेहरा ने बताया कि ओडिशा के अद्वितीय आदिवासी स्वतंत्रता सेनानी निर्मल मुंडा के नाम पर शुरू किया गया यह स्मृति व्याख्यान आने वाले दिनों में अलग-अलग दिनों में आयोजित किया जाएगा.व्याख्यान कार्यक्रम की समन्वयक डॉ सस्मिता सामल ने जानकारी दी कार्यक्रम का संचालन एवं अतिथि परिचय बसंती कुजूर ने किया.जनजातीय संस्कृति एवं अनुसंधान केंद्र, सुंदरगढ़ के निदेशक डॉ. इग्नाटियस सोरेंग विशेष वक्ता के रूप में शामिल हुए और स्वतंत्र एवं स्वतंत्र भारत में एक लोकप्रिय आदिवासी नेता के रूप में निर्मल मुंडा के योगदान पर चर्चा की,और 1893 में तत्कालीन गंगपुर राज्य के बारटोली गांव में जन्मे स्व.निर्मल मुंडा ने अपने 76 साल के जीवन में आदिवासियों के विकास में योगदान दिया, और विकास के लिए बहुत सारे काम किए हैं, खासकर विश्व युद्ध के दौरान स्वतंत्रता सेनानी और किसान नेता के रूप में जाने जाने वाले स्वर्गीय निर्मल मुंडा विधायक बने और एक निर्वाचित जन प्रतिनिधि भी,डॉ सोरेंग ने इसे स्वतंत्रता संग्राम के लिए एक महत्वपूर्ण घटना बताया और कहा कि आज भी यह एक अनछुआ अध्याय है,और इतिहास विभाग के प्रोफेसर विक्रम कुमार मल्लिक ने धन्यवाद ज्ञापन किया,इस महीने की 9 तारीख को दूसरी व्याख्यान श्रृंखला आर्य कॉलेज के रसायन विज्ञान विभाग द्वारा आयोजित की जाएगी,और विभाग के डॉ. सौरभ चटर्जी इस विषय पर बोलेंगे हमारे चतुर्भुज विज्ञान बनाम प्रौद्योगिकी पर नई अवधारणाएँ,

Principal
Govt. (Auto) College
Rourkela

Chemistry

# 'ଆମ ଚତୁଃପାର୍ଶ୍ୱରେ ବିଜ୍ଞାନ ବନାମ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ନୂତନ ଧାରଣା' ଆଲୋଚନା



SAMAJA, Rourkela Edition 10th Nov 2023

Principal
Govt. (Auto) College
Rourkela

# ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ଦ୍ୱିତୀୟ ଅର୍ଘ୍ୟ

## 'ଆମ ଚତୁପାର୍ଶ୍ୱରେ ବିଜ୍ଞାନ ବନାମ ପ୍ରଯୁକ୍ତି ବିଦ୍ୟା ସମ୍ପର୍କୀତ ନୂତନ ଧାରଣା' ବକ୍ତୃତା

Principal College Govt. (Auto)



ରାଉରକେଲା, ୧୦/୧୧ (ଓଡ଼ିଶା ଖବର) [illegible]




Principal
Govt. (Auto) College
Rourkela

Psychology

Principal
Govt. (Auto) College
Rourkela

# ‘ଚାପଗ୍ରସ୍ତ ନ ହୋଇ ମାନସିକ ସ୍ଥିରତା ରଖିବା ଜରୁରୀ’



ରାଉରକେଲା,୧୫।୧୧(ବ୍ୟୁରୋ): ଆମେ ପ୍ରତିଦିନ ଅନେକ କାର୍ଯ୍ୟକୁ ନେଇ ଚିନ୍ତାରେ ରହିଥାଉ। ତେଣୁ ବ୍ୟସ୍ତ ହେବା ସମୟରେ ମାନସିକ ସ୍ୱାସ୍ଥ୍ୟ ଓ ମାନସିକ ଚେତନାକୁ ସନ୍ତୁଳିତ

**ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ତୃତୀୟ ଅର୍ଘ୍ୟ**

କରିବା ଉଚିତଥାଏ। ସାମ୍ପ୍ରତିକ ସମୟରେ ଅଧିକ ସମସ୍ୟା ବାହାର ମାନସିକ ସମସ୍ୟା ଯୋଗୁ ପ୍ରାୟ ସମସ୍ତେ ଚାପଗ୍ରସ୍ତ। ତେଣୁ ଚାପଗ୍ରସ୍ତ ନ ହୋଇ ମାନସିକ ଭାବେ ସ୍ଥିର ରହିବା ଜରୁରୀ ବୋଲି ଏନ୍‌ଆଇଟି ରାଉରକେଲାର ସାମାଜିକ ବିଜ୍ଞାନ ବିଭାଗର ପ୍ରଫେସର ଡ. ରାମକୃଷ୍ଣ ବିଶ୍ୱାଳ କହିଛନ୍ତି।

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ଚାଲିଥିବା ‘ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା’ର ତୃତୀୟ ଅର୍ଘ୍ୟ କାର୍ଯ୍ୟକ୍ରମ ହୋଇଛି। ତୃତୀୟ ଅର୍ଘ୍ୟରେ ‘ବ୍ୟକ୍ତିଜୀବନର ମାନସିକ ମଙ୍ଗଳ ବା ଶୁଭକାମନା’ ଶୀର୍ଷକ ବକ୍ତୃତା ଆୟୋଜିତ ହୋଇଥିବା ବେଳେ ପ୍ରଫେସର ଏଥିରେ ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ଦେବା ସହ ସମସ୍ତଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ମାନସିକ ଅବସ୍ଥାର ସଠିକ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କହିଥିଲେ। ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ଅଧ୍ୟାପିକା ଅନିମା ଭୁକ୍ତିଆ ହିଷ୍ଟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭାଗର ମୁଖ୍ୟ ମହେନ୍ଦ୍ର ତନୟ ବୁବୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଷର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟରେ ଭାଗନେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ରାଜଶ୍ରୀ ରାଉତ, ଶୁଭଶ୍ରୀ ନାଥ ଓ ଆଲିଶା ରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଜ୍ୟୋତିରେଖା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ତୃତୀୟ ଅର୍ଘ୍ୟ : 'ବ୍ୟକ୍ତିମାନଙ୍କର ମାନସିକ ମଙ୍ଗଳ' ସମ୍ପର୍କୀତ ବକ୍ତୃତା



ରାଉରକେଲା,୧୦।୧୧ (ଅନୁପମ ମିଡ଼ିଆ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ଆରମ୍ଭ ହୋଇଥିବା 'ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳା'ର ତୃତୀୟ ଅର୍ଘ୍ୟ କାର୍ଯ୍ୟକ୍ରମରେ 'ବ୍ୟକ୍ତିମାନଙ୍କର ମାନସିକ ମଙ୍ଗଳ ବା ସୁଭକାମନା' ଶୀର୍ଷକ ବକ୍ତୃତା ଆୟୋଜିତ ହୋଇଛି। ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଭାଗୀୟ ଅଧ୍ୟାପିକା ଅନିମା କୁଜୁରିଆ ମିଞ୍ଜ। ସ୍ୱର୍ଗତ ନିର୍ମଳ ମୁଣ୍ଡାଙ୍କ ନାମରେ ଆରମ୍ଭ ହୋଇଥିବା ଏହି ସ୍ମାରକୀ ବକ୍ତୃତାମାଳା ମାଧ୍ୟମରେ ଭିନ୍ନ ଭିନ୍ନ ପ୍ରସଙ୍ଗ ମାଧ୍ୟମରେ ହେଉଥିବା ଆଲୋଚନା ମାଧ୍ୟମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ପରିସୀମାକୁ ବୃଦ୍ଧିରେ ଏହି ବକ୍ତୃତାମାଳାର ଆୟୋଜନ ଏକ ନିଆରା କାର୍ଯ୍ୟକ୍ରମ ବୋଲି ପ୍ରଫେସର ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ ସହ ବିଭାଗୀୟ ମୁଖ୍ୟ ମହେନ୍ଦ୍ର ତଗର ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଏନ୍‌ଆଇଟି ରାଉରକେଲାର ସାମାଜିକ ବିଜ୍ଞାନ ଓ ମାନବିକ ବିଭାଗର ପ୍ରଫେସର ଡ଼ ଜାନକୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆମ ସମସ୍ତଙ୍କ ଦୈନନ୍ଦିନ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ମାନସିକ ଅବସ୍ଥାର ସଠିକ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ପ୍ରଫେସର ଡ଼ ବିଶ୍ୱାଳ କହିଥିଲେ। ଆଜିର ପ୍ରତିଦିନ ଅନେକ କାର୍ଯ୍ୟକୁ ନେଇ ବିଭାଗରେ ରହିବା ସହିତ ବ୍ୟସ୍ତ ଓ ବିବ୍ରତ ରହିବା ସମୟରେ ଆମର ମାନସିକ ସ୍ୱାସ୍ଥ୍ୟ ଓ ମାନସିକ ଚେତନାକୁ ସକାରାତ୍ମକ କରିବା ଅପରିହାର୍ଯ୍ୟ। ଏଭଳି ସ୍ଥିତିରେ ଆମେ ଶାନ୍ତ ଓ ସ୍ଥିର ମାନସିକତା ସ୍ଥିତିରେ ରହିପାରିଲେ ଯାଇ ଆମର ବ୍ୟକ୍ତିଗତ, ପାରିବାରିକ ଏବଂ ବୃତ୍ତିଗତ ମଙ୍ଗଳ ହେବାର ସାମୁହିକ ସମୟରେ ଆର୍ଥିକ ଜନସଂଖ୍ୟା ବ୍ୟତୀତ ମାନସିକ ସମସ୍ୟା ଯୋଗୁଁ ପ୍ରାୟ ସମସ୍ତେ ଆପେକ୍ଷିକ। ତେଣୁ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ମାନସିକ ମଙ୍ଗଳ ବା ମାନସିକ ସୁସ୍ଥତା ପ୍ରସଙ୍ଗରେ ପ୍ରଫେସର ଡ଼ ବିଶ୍ୱାଳ ବିଭିନ୍ନ ଉପାଦେୟ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କୀତ ପ୍ରଶ୍ନଉତ୍ତର କାର୍ଯ୍ୟରେ ଭାଗନେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଭାଗୀୟ ଅଧ୍ୟାପିକା ରାଜଶ୍ରୀ ରାଉତ, ଶୁଭଶ୍ରୀ ନାଥ ଓ ଅର୍ପିତା ରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପିକା ଜ୍ୟୋତିରେଖା ତ୍ରିବେଦୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ରସାୟନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ।

Principal
Govt. (Auto) College
Rourkela

ସମ୍ବାଦ

odia

# 'ସାହିତ୍ୟ ମଣିଷର ସମାନ୍ତରାଳ ଇତିହାସ'

## ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳା



[illegible]

Principal
Govt. College (Auto), Rourkela

ପ୍ରଜାତନ୍ତ୍ର | କଟକ | ୧୭.୧୧.୨୦୨୩ | ପୃଷ୍ଠା :୮

# ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ଚତୁର୍ଥ ଅର୍ଘ୍ୟ

# 'ସାହିତ୍ୟ ହେଉଛି ଉତ୍ତର ନଥିବା ପ୍ରଶ୍ନ'



ରାଉରକେଲା (ନି.ପ୍ର): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ପକ୍ଷରୁ ଚାଲିଥିବା 'ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତା ଶୃଙ୍ଖଳା'ର ଚତୁର୍ଥ ଅର୍ଘ୍ୟ କାର୍ଯ୍ୟକ୍ରମରେ 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟ' ଶୀର୍ଷକ ଅଭିଭାଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ବିଭାଗୀୟ ଅଧ୍ୟାପିକା ରଜନୀ ମିଶ୍ରାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼. ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନିତ ଡ଼. ଗୌରହରି ଦାସ ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶୀର୍ଷକ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପୃକ୍ତ ସମୟରେ ସାହିତ୍ୟରେ ଧାରା ଓ ବିଷୟ ପରିବର୍ତ୍ତନକୁ ସୂଚାଇଦେଇ ସାହିତ୍ୟ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମୁଖ୍ୟବକ୍ତା ଡ଼. ଗୌରହରି ଦାସ କହିଥିଲେ। ଡ଼. ଦାସ 'ବନ୍ଧୁ ମହିମା ପଥା ଦେଖିବାକୁ ଯାଇ ହୋଇଯାଇଥାଏ' ବୋଲି କହିବା ସହ ତାଙ୍କ କଥାରେ କହିଲେ ଯେ ଗଳ୍ପ ପଢ଼ିବା ସମୟରେ ତାହା ବଡ଼ ଲାଗି ଲାଗୁଥିଲେ ବି ତାହା ସବୁକୁ ସାର୍ଥକ କରିଥାଏ। ୧୮୯୮ ମସିହାର ରେବତୀ ଗଳ୍ପରୁ ଆରମ୍ଭ ହୋଇଥିବା ୧୨୫ ବର୍ଷର ଓଡ଼ିଆ ଗଳ୍ପ ସାହିତ୍ୟର କ୍ରମବିକାଶ ପ୍ରସଙ୍ଗରେ ଡ଼. ଦାସ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ସାହିତ୍ୟ ହେଉଛି ମଣିଷର ସମାଜର ଇତିହାସ। ମଣିଷର ହୃଦୟ ମଧ୍ୟରେ ଆବେଗକୁ ନିୟନ୍ତ୍ରଣ କରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ହେଉଛି ଉତ୍ତର ନଥିବା କୌଣସି ପ୍ରଶ୍ନ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ମଣିଷର ଦୁଃଖ, ଦୁର୍ଦ୍ଦଶା, ଭୂଖ, ପ୍ରେମ, ହତାଶା ଓ ସାମାଜିକ ସମସ୍ୟା ପ୍ରମୁଖ ପ୍ରସଙ୍ଗ ସହିତ ଆମମାନଙ୍କ ଆଲୋଚନାକୁ ସ୍ପଷ୍ଟ କରିପାରିଛି ବୋଲି ଡ଼. ଦାସ କହିଥିଲେ। ସାହିତ୍ୟ ହେଉଛି ସବୁ ଲେଖକଙ୍କର ସମ୍ବାଦ। ଏଥିସହ ଓଡ଼ିଆ ଗଳ୍ପ ସମ୍ପର୍କରେ ଡ଼. ଦାସ ବିଭିନ୍ନ ଆଲୋଚନା କରିବା ସହ ଉଦୀୟମାନ ଲେଖକ ଓ ଲେଖିକାମାନେ ଏହା ବାସ୍ତବ ଅନୁଭୂତି ନ ହେଲେ ଗଳ୍ପ ଲେଖୁଥିବା ଅନେକଙ୍କ କୌଣସି ମହତ୍ତ୍ୱ ରଖିପାରେନି। ବିଭାଗୀୟ ମୁଖ୍ୟ ଡ଼. ସୁଷମା ମୋହାନ୍ତି ଏହି ବକ୍ତୃତା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ବିଷୟ ସମ୍ପର୍କିତ ଜ୍ଞାନର ସୀମାକୁ ବ୍ୟାପକ କରାଇବାର ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ବିଭାଗୀୟ ଅଧ୍ୟାପକ ଡ଼. ମୃଣାଳ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡ଼. ଦୁର୍ଗିତ୍ରି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବର୍ଷର ଛାତ୍ରଛାତ୍ରୀମାନଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଏହି ଅବସରରେ ଡ଼. ଦାସଙ୍କୁ ସାହିତ୍ୟ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଏହାର ଉତ୍ତର ପାଇଥିଲେ। ବିଭାଗୀୟ ଅଧ୍ୟାପକ ସୁବ୍ରତ ଶ୍ରୀ ଙ୍କ ସଫଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭାଗୀୟ ଅଧ୍ୟାପକ ବିଶ୍ୱଜିତ ଦାସ ଓ ବିପ୍ରିଳତା ମୁଖାର୍ଜୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମ ଓଡ଼ିଆ ଗଳ୍ପ 'ରେବତୀ' ର ୧୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରେବତୀ ଗଳ୍ପ ଆଧାରରେ ଏକ କ୍ଷୁଦ୍ର ନାଟିକା ପରିବେଷିତ ହୋଇଥିଲା। ଏହା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ ଥିଲା।

Principal
Govt. (Auto) College
Rourkela

ସକାଳ
THE SAKALA
Rourkela - 10 Dec 2023 - Page 5

Pol. Science

# ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ପଞ୍ଚମ ଅର୍ଘ୍ୟ


THE SAKALA

[illegible]

Principal
Govt. (Auto) College
Rourkela

ପ୍ରମେୟ
THE PRAMEYA

Principal
Govt. (Auto) College
Rourkela

ROURKELA 11 Dec, 2023

ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ୫ମ ଅର୍ଘ୍ୟ

# ଭାରତୀୟ ସମ୍ବିଧାନ, ଅସମାନତା, ବିବିଧତା ଶୀର୍ଷକ ଆଲୋଚନା



# ନିର୍ମଳ ମୁଣ୍ଡା ସ୍ମାରକୀ ବୌଦ୍ଧିକ ବକ୍ତୃତା ଶୃଙ୍ଖଳାର ପଞ୍ଚମ ଅର୍ଘ୍ୟ : ଭାରତୀୟ ସମ୍ବିଧାନ, ଅସମାନତା, ବିବିଧତା ଶୀର୍ଷକ ଆଲୋଚନା

SHARE 2




Principal
Govt. (Auto) College
Rourkela




Principal
Govt. (Auto) College
Rourkela




Principal
Govt. (Auto) College
Rourkela

ପ୍ରମେୟ
THE PRAMEYA

Principal
Govt. (Auto) College
Rourkela

ROURKELA 09 Oct, 2023

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍



ରାଉରକେଲା,୮।୧୦(ବ୍ୟୁରୋ): ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଏକ୍ସପ୍ରେସ ରାଉରକେଲା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲିବାକ୍ରମେ

## ୧୭ଟି ନୂତନ ମତାମତ ସଂଗ୍ରହ

ଶନିବାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଛି। ଏହି ଅବସରରେ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥି ମଧ୍ୟରୁ ବିଭିନ୍ନ ବର୍ଗର ୧୭ଜଣ ଛାତ୍ରଛାତ୍ରୀ ନୂତନ ମତାମତ ପ୍ରଦାନ କରିବା ସହ ଏଥିପାଇଁ ଆରମ୍ଭ ହୋଇଥିବା ଆପ୍ ମାଧ୍ୟମରେ ମତାମତଗୁଡ଼ିକୁ ପଞ୍ଜୀକରଣ କରିଥିଲେ। ଏନ୍ଆଇଟିର ଏଫ୍‌ଟିବିଆଇ କେନ୍ଦ୍ର ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରା ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଗୁରୁତ୍ୱ ସମ୍ପର୍କରେ କହିବା ସହ ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇ ଷ୍ଟାର୍ଟଅପ୍ ଆପ୍‌କୁ ନିଜ ନିଜ ମୋବାଇଲରେ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ସଂଯୋଜକ ତଥା ବାଣିଜ୍ୟ ବିଭାଗର ଅଧ୍ୟାପକ ଧିରେନ କୁମାର ମହନ୍ତ କାର୍ଯ୍ୟକ୍ରମ ଆୟୋଜନ ସହିତ ଷ୍ଟାର୍ଟଅପ୍ ଏକ୍ସପ୍ରେସ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଜଣେ ଜଣେ ଉଦୀୟମାନ ଉଦ୍ୟୋଗୀ ହେବାର ସୁଯୋଗ ପାଇବେ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ଷ୍ଟାର୍ଟଅପ୍ ଏକ୍ସପ୍ରେସର ପ୍ରତିନିଧିମାନଙ୍କ ସହିତ ଉଭୟେ ଅନ୍‌ଲାଇନ ଓ ଅଫ୍‌ଲାଇନ ବ୍ୟବସ୍ଥାରେ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାଠ ପଢ଼ିବା ସମୟରୁ ହିଁ ଛାତ୍ରଛାତ୍ରୀମାନେ ସ୍ୱରୋଜଗାର ସମ୍ପର୍କିତ ଜ୍ଞାନ ଆହରଣ ସହିତ ଜଣେ ଜଣେ ଉଦ୍ୟୋଗୀ ହେବା ନିମନ୍ତେ ମାର୍ଗଦର୍ଶନ ପାଇବାର ବ୍ୟବସ୍ଥା ହୋଇଛି। ତେଣୁ ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଗଠନ ନିମନ୍ତେ ଏକ ଉତ୍କୃଷ୍ଟ ସୁଯୋଗ ଦେବାରେ ସହାୟକ ହେବ ବୋଲି ଡ. ବେହେରା ମତ ଦେଇଥିଲେ। ଏହି ଅବସରରେ ଉତ୍କୃଷ୍ଟ ମତାମତ ପାଇଁ ୧୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

ସମାଜ
The Samaja
ରାଉରକେଲା/ସୁନ୍ଦରଗଡ଼
୧୦

Principal
Govt. (Auto) College
Rourkela

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଏକ୍ସପ୍ରେସ

[illegible]



[illegible]




Principal
Govt. (Auto) College
Rourkela

01/12/2023

Principal
Govt. (Auto) College
Rourkela

Email-ajiratufan@ gmail

ଦୈନିକ ଓଡ଼ିଆ ସମ୍ବାଦପତ୍ର

Baripada Saturday, 02 Decemberber, 2023

Vol-11, Issue-53 II Page 08, Rs.03/-

ବାରିପଦା, ଶନିବାର, ୦୨ ଡିସେମ୍ବର, ୨୦୨୩

ଭାଗ-୧୧ ସଂଖ୍ୟା-୫୩ II ପୃଷ୍ଠା-୦୮ II ମୂଲ୍ୟ ୦୩ ଟଙ୍କା

ଆଜିର ତୋଫାନ

ସାମାଜିକ ପରିବର୍ତ୍ତନ ଓ ବିକାଶର ସ୍ୱର...

AJIRA TUFAN

R.N.I No- 50566/2013

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

*ରାଉରକେଲା-୧/୧୨-ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ*

ପ୍ରତିବର୍ଷ ଡିସେମ୍ବର ୧ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ଏଡ୍‌ସ ଦିବସ।ଏଚ୍.ଆଇଭି ଜୀବାଣୁର ସଂକ୍ରମଣ ଯୋଗୁଁ ହେଉଥିବା ଏହି ରୋଗର ଭୟାନକ ପରିଣତି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କୁ ସମର୍ଥନ ଓ ସହାନୁଭୂତି ପ୍ରଦର୍ଶନ ସହ ଏହି ଜନିତ ରୋଗରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସ୍ମୃତିଚାରଣ ଏବଂ ନୂତନ ସଂକ୍ରମଣକୁ ରୋକିବା ପାଇଁ ଅଧିକ ପ୍ରୟାସ କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ଏହା ଏକ ସୁଯୋଗ ଆଣିଥାଏ। ୧୯୮୮ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ଏକ ଆନୁଷ୍ଠାନିକ ଦିବସ ରୂପେ ଘୋଷଣା କରିଥିଲା। ଏଚ୍.ଆଇଭି/ଏଡ୍‌ସ ବିରୋଧରେ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର, ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଏକ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି କ୍ରମରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ଏବଂ ପ୍ରାଚୀରପତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ରଙ୍ଗୋଲି ପ୍ରତିଯୋଗିତାରେ ଜିଜ୍ଞେହି ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଥିଲାବେଳେ ସୁଦିପ୍ତା ପ୍ରିୟଦର୍ଶିନୀ ଓ ଶୁଭଶ୍ରୀ ରାଉତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ସହିତ ସ୍ୱତନ୍ତ୍ରଭାବେ ସୌରଭ କୁମାର ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଚୀରପତ୍ର ପ୍ରତିଯୋଗିତାରେ ପ୍ରତୀକ୍ଷା ଶତପଥି ପ୍ରଥମ, ଜୟସ୍ମିତା



ରାଉତ ଦ୍ୱିତୀୟ ଏବଂ ଶୁଭଶ୍ରୀ ରାଉତ ତୃତୀୟ ସ୍ଥାନ ହାସଲ କରିଥିଲେ। ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଏହି ଅବସରରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ବକ୍ତାଭାବେ ଆଁଏସପି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡା ସଞ୍ଜୟ ଚୋରେଙ୍ଗ ଯୋଗଦେଇ ଜନସାଧାରଣ ନିଜକୁ ଓ ଅନ୍ୟମାନଙ୍କୁ ଏଚ୍.ଆଇଭି ସଂକ୍ରମଣ, ନିରାକରଣ, ପରୀକ୍ଷଣ, ଚିକିତ୍ସା ଓ ସଂକ୍ରମିତ ଲୋକେ ସମ୍ମୁଖୀନ ହେଉଥିବା ସାମାଜିକ ଭେଦଭାବ ବାବଦରେ ସଚେତନ କରିବା ପାଇଁ ଏହି ଦିବସ ଏକ ସୁଯୋଗ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ବିଜୟ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗିବା ଲାଗି ବିଭିନ୍ନ ଅଭିଯାନ, କାର୍ଯ୍ୟକ୍ରମ ଓ ଗୋଷ୍ଠୀଗତ କାର୍ଯ୍ୟକଳାପ ମାଧ୍ୟମରେ ଆଲୋଚନା ଓ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ଏହି ଦିବସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଶନିରାମ କେର୍କେଟା କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍ ଶାଖାର ସଂଯୋଜିକା ଡ ସୃତିସ୍ମିତା ମିଶ୍ର ଏବଂ ଜାତୀୟ ସେବା ଯୋଜନାର ସଂଯୋଜକ ସମିର ସୌରଭ ତୃପ୍ତି ପ୍ରମୁଖ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପିକା ବର୍ଷା ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଭାଗୀୟ ଅଧ୍ୟାପକ ଡ ସୁବଳ ଟାଣ୍ଡି, ଅଧ୍ୟାପିକା ସବିତା ରାଉତରାୟ, କୁମାରୀ ଶ୍ରାବଣୀ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ସମନ୍ୱିତ ଯୁବ ବିକାଶ ଯୋଜନାର ସମାଜସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ପଞ୍ଚମ ଦିନରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ସହିତ ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜସେବା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ ଓ ମମତା ବାକ୍ସଲାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଡ୍‌ସ ସମ୍ପର୍କୀତ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ଭାଗନେଇଥିଲେ। ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମରେ ଉଭୟେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶତାଧିକ ସଂଖ୍ୟାରେ ଯୋଗଦେଇଥିଲେ।

୦୧/୧୨/୨୦୨୩

# ରାଉରକେଲାରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

Principal
Govt. (Auto) College
Rourkela

ରାଉରକେଲା,୧।୧୨ (ଅନୁପମ ମିଡିଆ): ପ୍ରତିବର୍ଷ ଡିସେମ୍ବର ୧ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ଏଡ୍ସ ଦିବସ ଏଚ୍‌ଆଇଭି ଭୂତାଣୁର ସଂକ୍ରମଣ ଯୋଗୁଁ ହେଉଥିବା ଏଡ୍ସ ରୋଗର ଭୟାନକ ପରିଣତି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ଉତ୍ସର୍ଗୀକୃତ । ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କୁ ସମର୍ଥନ ଓ ସହାନୁଭୂତି ପ୍ରଦର୍ଶନ ସହ ଏଡ୍ସ ଜନିତ ରୋଗରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସ୍ମୃତିଚାରଣ ଏବଂ ନୂତନ ସଂକ୍ରମଣକୁ ରୋକିବା ପାଇଁ ଅଧିକ ପ୍ରୟାସ କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ଏହା ଏକ ସୁଯୋଗ ଆଣିଥାଏ ୧୯୮୮ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ଏକ ଆନୁଷ୍ଠାନିକ ଦିବସ ରୂପେ ଘୋଷଣା କରିଥିଲା । ଏଚ୍‌ଆଇଭି/ଏଡ୍ସ ବିରୋଧରେ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର, ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଏକ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ସମ୍ପର୍କରେ ଘୋଷଣା କରାଯାଇଥିଲା ଏହି କ୍ରମରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାରେ ବିଶ୍ୱ ଏଡ୍ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ଏବଂ ପ୍ରାଚୀରପତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ରଙ୍ଗୋଲି ପ୍ରତିଯୋଗିତାରେ ବିଜୟେନ୍ଦ୍ର ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଥିଲାବେଳେ ସୁଦିପ୍ତା ପ୍ରିୟଦର୍ଶିନି ଓ ଶୁଭଶ୍ରୀ ରାଉତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଏହା ସହିତ ସ୍ୱତନ୍ତ୍ରଭାବେ ସୌରଭ କୁମାର ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା ପ୍ରାଚୀରପତ୍ର ପ୍ରତିଯୋଗିତାରେ ପ୍ରତୀକ୍ଷା ଶତପଥି ପ୍ରଥମ, ଜୟସ୍ମିତା ରାଉତ ଦ୍ୱିତୀୟ ଏବଂ ଶୁଭଶ୍ରୀ ରାଉତ ତୃତୀୟ ସ୍ଥାନ ହାସଲ କରିଥିଲେ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ସ୍ୱତନ୍ତ୍ର ବକ୍ତାଭାବେ ଆରଏସପି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡା ସଞ୍ଜୟ ଘୋରେଇ ଯୋଗଦେଇ ଜନସାଧାରଣ ନିଜକୁ ଓ ଅନ୍ୟମାନଙ୍କୁ ଏଚ୍‌ଆଇଭି ସଂକ୍ରମଣ, ନିରାକରଣ, ପରୀକ୍ଷଣ, ଚିକିତ୍ସା ଓ ସଂକ୍ରମିତ ଲୋକେ ସମ୍ମୁଖୀନ ହେଉଥିବା ସାମାଜିକ ଭେଦଭାବ ବାବଦରେ ସଚେତନ କରିବା ପାଇଁ ଏହି ଦିବସ ଏକ ସୁଯୋଗ ବୋଲି କହିଥିଲେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ ବିଜୟ କୁମାର ବେହେରା ଅଧ୍ୟକ୍ଷତା କରି ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗିବା ଲାଗି ବିଭିନ୍ନ ଅଭିଯାନ, ଆଲୋଚନା ଓ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ଏହି ଦିବସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଶନିରାମ କେର୍କେଟା କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ସମନ୍ୱିତ ଯୁବ ବିକାଶ ଯୋଜନାର ସମାଜସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ପଞ୍ଚମ ଦିନରେ ବିଶ୍ୱ ଏଡ୍ସ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ସହିତ ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମାଜସେବା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ ଓ ମମତା ବାକ୍ସଲାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଡ୍ସ ସମ୍ପର୍କିତ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ଭାଗନେଇଥିଲେ ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମରେ ଉଭୟେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶତାଧିକ ସଂଖ୍ୟାରେ ଭାଗନେଇଥିଲେ ।

01/12/2023

Principal
Govt. (Auto) College
Rourkela



10/10/23




Principal
Govt. (Auto) College
Rourkela